## ସଂକ୍ଷେପରେ

### ଯୋଗ କର୍ମଶାଳା ଉଦ୍ଯାପିତ

କଟକ ଅଫିସ, ୯।୧- କଟକ କଲେଜଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତ୍ରିଦିବସୀୟ ଯୋଗ କର୍ମଶାଳା ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ରାଷ୍ଟ୍ରଦୀପ ଅନୁଷ୍ଠାନର ସହସମ୍ପାଦିକା ପ୍ରଜ୍ଞା ପାରମିତା ଦ୍ୱିବେଦୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଯୋଗ ଶିକ୍ଷାର ମହତ୍ୱ ଓ ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଶିକ୍ଷକ ବଳରାମ ସାହୁ, ପରିଚାଳନା ସମିତି ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ଶ୍ୟାମଳ ରଞ୍ଜନ ସାମନ୍ତରାୟ, ରଞ୍ଜିତ୍ ମହାନ୍ତି ଓ ପ୍ରତିମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଧ୍ରୁବତାରା ପକ୍ଷରୁ ବନ୍ଧୁମିଳନ

କଟକ ଅଫିସ, ୯।୧- ସାଂସ୍କୃତିକ ଅନୁଷ୍ଠାନ ଧ୍ରୁବତାରା ପକ୍ଷରୁ ତଳତେଲେଙ୍ଗାବଜାରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ଡା. ଯୋଗମାୟା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଯୋଗଦେଇଥିଲେ। ଏଥିରେ ତନୟା ଦାସ ଗୋସ୍ୱାମୀ, ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ, ସାହିତ୍ୟିକ ଦିଲୀପ କୁମାର ଦାସ, ସୁବାସ ଚନ୍ଦ୍ର ସାହୁ ଓ ଆଇନଜୀବୀ ମିଳନ କୁମାର ବଡୁ ପ୍ରମୁଖ ଉପସ୍ଥିତ ଥିଲେ। ସାହିତ୍ୟିକ ଭୁବନାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଅନୁଷ୍ଠାନର ସମ୍ପାଦିକା ବିଭାସିନୀ ମହାନ୍ତି କବିତା ପାଠୋତ୍ସବ ପରିଚାଳନା କରିଥିଲେ। ବୀରେନ୍ଦ୍ର କୁମାର ସିଂସାମନ୍ତ ଧନ୍ୟବାଦ ଦେଇଥିଲେ।

### ଉତ୍କଳ ସାହିତ୍ୟ ସମାଜର ଭାଷା-ସାହିତ୍ୟ ଚର୍ଚ୍ଚା

କଟକ ଅଫିସ, ୯।୧- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ କହିଥିଲେ, ଆଧୁନିକ ବିଜ୍ଞାନର ଅଭିବୃଦ୍ଧି କ୍ଷେତ୍ରରେ ଭାରତୀୟମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ମୀନାକ୍ଷୀ ଦେବୀ ପ୍ରାରମ୍ଭିକ ସୂଚନା ଓ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ, ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ସଙ୍ଗଠନ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଧନ୍ୟବାଦ ଦେଇଥିଲେ।

### ଶିଶୁ ସଦନରେ କ୍ରୀଡ଼ା ଉତ୍ସବ

ଚୌଦ୍ୱାର,୯।୧(ଡି.ଏନ୍.ଏ.): ସ୍ଥାନୀୟ ଶିଶୁ ସଦନ ପରିସରସ୍ଥ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିଶୁ ସଦନର ମୁଖ୍ୟ ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶିଶୁ ସଦନର ପିଲାମାନେ ଦୌଡ଼, ଲମ୍ଫଡିଆଁ, ମ୍ୟୁଜିକ୍ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିସହ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ମଧ୍ୟରେ ୧୦୦ ମିଟର କୌତୁକ ଦୌଡ଼ ଅନୁଷ୍ଠିତ ହୋଇଥିଲା। ପରିଚାଳକ ସୀମାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଅମୀୟ ସେଠୀ, ପ୍ରଦୀପ ଦାସ, ଜ୍ଞାନରଞ୍ଜନ ମହାପାତ୍ର, ବନ୍ଦନା ମହାନ୍ତି, ଦେବୀଦତ୍ତା ସାହୁ, ପୂର୍ଣ୍ଣିମା ପ୍ରଧାନ, ମାମିନା ନାୟକ, ମଧୁସ୍ମିତା ମଲ୍ଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ୫୦ ଏସ୍‌ଏଚ୍‌ଜି କର୍ମକର୍ତ୍ତା ସମ୍ବର୍ଦ୍ଧିତ

କଟକ ଅଫିସ, ୯।୧- କଟକ ପେଟାନାଳସ୍ଥିତ ମହାବୀର ବସ୍ତିରେ ଏକ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ସଂସ୍ଥା ଲିସା ପକ୍ଷରୁ ଅନୁଷ୍ଠିତ ଏହି ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ୫୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବିଜୁ ବାବୁଙ୍କୁ ଭାରତରତ୍ନ ପ୍ରଦାନ ଦାବିରେ ଏସ୍‌ଏଚ୍‌ଜିର କର୍ମକର୍ତ୍ତାମାନେ ସ୍ୱାକ୍ଷର ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ସଂସ୍ଥାର ଆବାହକ ଗଦାଧର ସାହୁ ଅଧକ୍ଷତା କରିଥିଲେ। ଏଥିରେ ପୂର୍ବତନ କର୍ପୋରେଟର ସଞ୍ଜୁକ୍ତା ସାହୁ, ବାସନ୍ତୀ ବେହେରା, ଶାନ୍ତିଲତା ସାହୁ, ବନିତା ମହାରଣା, ମୀରା ମହାନ୍ତି, କେ. ଦମୟନ୍ତୀ, ମିନୁ ସାମଲ, ସୁଷମା ମହାରଣା ପ୍ରମୁଖ ଯୋଗଦେଇଥିଲେ।

# କନଷ୍ଟେବଲଙ୍କ ଉପରକୁ ବୋମାମାଡ଼

■ଜମି ଉପରେ ବିଦ୍ୟୁତ୍ ତାର ଟଣାକୁ ବିରୋଧ
■ସିମେଣ୍ଟ କାରଖାନାକୁ ତାର ଟଣାଯାଉଥିଲା

ଖୁଣ୍ଟୁଣୀ, ୯।୧(ଡି.ଏନ୍.ଏ.):

ଖୁଣ୍ଟୁଣୀ ଥାନା ଅଧୀନ ଚନ୍ଦ୍ରବଳିଶ୍ୟାମାପୁରଠାରେ ଏକ ସିମେଣ୍ଟ କାରଖାନାକୁ ୧୩୨ କେଭି ଟାୱାର ଲାଇନ ଦେବା ପାଇଁ ପୋଲିସ ଉପସ୍ଥିତିରେ ଶନିବାର ମଧ୍ୟାହ୍ନରେ ତାର ଟଣାଯାଉଥିଲା। ଏହାକୁ ବିରୋଧ କରି ଜଣେ ଚାଷୀ ବୋମାମାଡ଼ କରିଥିଲେ। ଏଥିରେ ଜଣେ ଓଏସ୍‌ଏପି କନଷ୍ଟେବଳ ଗୁରୁତର ହୋଇ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଘଟଣାସ୍ଥଳରୁ କିଛି ଲୁହାକଣ୍ଟା ଓ ଟୁକୁଡା କାଗଜ ଜବତ କରିଛି ବୋଲି ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଡାଳଭାଗ ଗ୍ରାମର କେତେଜଣ ଚାଷୀଙ୍କ ଜମି ଉପରେ ଉକ୍ତ କାରଖାନାକୁ ବିଦ୍ୟୁତ୍ ଲାଇନ୍ ଟଣାଯିବା ନେଇ ଛକାପଞ୍ଝା ଲାଗି ରହିଥିଲା। ଏହି ଜମି ଉପର ଦେଇ ତାର ଟଣାଗଲେ ତାହାକୁ ଚାଷୀମାନେ ବିକ୍ରି କରିପାରିବେ ନାହିଁ କି ଘର କରିପାରିବେ ନାହିଁ। ତେଣୁ ଉପଯୁକ୍ତ କ୍ଷତିପୂରଣ ଦେଇ ତାର ଟଣାଯାଉ ବୋଲି ଚାଷୀମାନେ ଦାବି କରିଥିଲେ। ଏଥିପାଇଁ ପ୍ରାୟ ୬ ମାସେ ହେଲା ତାର ଟଣା କାମ ସ୍ଥଗିତ ଥିଲା। ଗତ ମାସରେ ଖୁଣ୍ଟୁଣୀ ଥାନାଠାରେ ପୋଲିସ ଚାଷୀମାନଙ୍କୁ ଡାକି ଏକ ସମାଧାନ ବାଟ ବାହାର କରିବା ପାଇଁ ଉଦ୍ୟମ କରିଥିଲା। ହେଲେ ଏଥିରେ ପ୍ରାୟ ୧୪ ଜଣ ଚାଷୀ ରାଜି ହୋଇ ନ ଥିଲେ। ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ସେମାନେ ଜମି ଉପରେ ତାର ଟଣାଇ ଦେବେନାହିଁ ବୋଲି ମନାକରି ଚାଲି ଆସିଥିଲେ। ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ, ଖୁଣ୍ଟୁଣୀ ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ, ଗୁରୁଡିଝାଟିଆ ଆଇଆଇସି ସମୀର ରଞ୍ଜନ ପଣ୍ଡା, ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓଙ୍କ ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ସହାୟତାରେ ଶନିବାର ସମ୍ପୃକ୍ତ ଠିକାଦାର ଡାଳଭାଗ ଗ୍ରାମରେ ପହଞ୍ଚି ତାର ଟାଣିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ଚାଷୀ ଦୁଇଟି ବୋମାମାଡ କରି ଫେରାର ହୋଇଯାଇଥିଲେ। ବୋମା ଶବ୍ଦରେ ପୋଲିସ କର୍ମଚାରୀ ଓ ଚାଷୀମାନେ ଦୂରକୁ ପଳାଇ ଆସିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୪/୨୧) ରୁଜୁ କରିବା ସହ ତାର ଟଣା କାମକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିଛି।



କଟକ ଗୌରୀଶଙ୍କର ପାର୍କ ସମ୍ମୁଖ ରାସ୍ତାପାର୍ଶ୍ୱରେ ଜଣେ ବ୍ୟବସାୟୀ ଫୁଲଗୁଡିକ ବିକ୍ରି ପାଇଁ ସଜ୍ଜିତ କରି ରଖୁଛନ୍ତି।

# ରାସ୍ତା ମରାମତି ଦାବିରେ ଗଣଧାରଣା




ରାସ୍ତା ମରାମତି ଦାବିରେ ଭାଜପା ପକ୍ଷରୁ ଧାରଣା।

କଟକ ଅଫିସ, ୯।୧

ମଙ୍ଗଳାବାଗସ୍ଥିତ ହନୁମାନ ମନ୍ଦିର ପଛପଟ ଗଡ଼ାତଳ ରାସ୍ତା ୧ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଶୋଚନୀୟ ହୋଇପଡ଼ିଛି। ରାସ୍ତା ଉପରେ ପାଣି ଓ ପଙ୍କ ଜମି ରହିଛି। ଏହି ରାସ୍ତା ୱାର୍ଡବାସିନ୍ଦାଙ୍କ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ। ହେଲେ ରାସ୍ତାର ଦୁରବସ୍ଥା ଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି ଦାବି ନେଇ କଟକ ମହାନଗର ନିଗମ ୩୪ ନଂ. ୱାର୍ଡ ଭାଜପା ପକ୍ଷରୁ ସ୍ଥାନୀୟ ମନ୍ଦିର ନିକଟରେ ଶନିବାର ଗଣଧାରଣା ଦିଆଯାଇଥିଲା। ୩୪ ନଂ. ୱାର୍ଡ ଯୁବ ଭାଜପା ନେତା ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଗଣଧାରଣାରେ ସ୍ମୃତି ରଞ୍ଜନ ମିଶ୍ର, ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ହେମନ୍ତ ସାହୁ, ଶରତ ତରାଇ, ଅଶୋକ କୁମାର ପାତ୍ର, ପ୍ରମୋଦ ମହାରଣା, ବାପୁଜୀ କର, ବନମାଳୀ ଖୁଣ୍ଟିଆ, ମନୋଜ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଶୁଦ୍ଧ ଆହାର ଯୋଗାଇବା ଆମର ମୂଳ ଲକ୍ଷ୍ୟ: ସିସିଏ

କଟକ ଅଫିସ, ୯।୧

କିଛିଦିନ ଧରି କଟକ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଭେଜାଲ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ସାଧାରଣ ଲୋକଟିଏ ଜାଣିପାରୁନାହିଁ ଯେ, ସେ ଯେଉଁ ଖାଦ୍ୟ ଖାଉଛି ତାହା ସ୍ୱାସ୍ଥ୍ୟ ପାଇଁ କେତେଦୂର ହିତକର। କଟକ ସହରବାସୀଙ୍କ ମନରୁ ଏହି ଭେଜାଲ ଶବ୍ଦଟି କାଢିବା ପାଇଁ କଟକ କ୍ୟାଟେରିଂ ଆସୋସିଏସନ(ସିସିଏ) ପକ୍ଷରୁ ଶନିବାର ବାଖରାବାଦସ୍ଥିତ ସଂଘ କାର୍ଯ୍ୟାଳୟରେ ସଭାପତି ଶ୍ରୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟତଃ କଟକ କ୍ୟାଟେରିଂ ସଂଘର ସଦସ୍ୟମାନେ ଯେଉଁ ଜାଗାରେ କ୍ୟାଟେରିଂ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି ସେମାନେ ସେଠାରେ ଉନ୍ନତ ଗୁଣବତ୍ତାର ସାମଗ୍ରୀ ବ୍ୟବହାର କରିଥାନ୍ତି, ଯାହାକି ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥାଏ। ଶୁଦ୍ଧ ଆହାର ଯୋଗାଇ ଦେବା ଆମର ଲକ୍ଷ୍ୟ ବୋଲି ଆସୋସିଏସନର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ସାହୁ କହିଛନ୍ତି। ଖାଦ୍ୟ ସାମଗ୍ରୀ ଅପମିଶ୍ରଣକାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ସଂଘର ସାଧାରଣ ସମ୍ପାଦକ ରଘୁନାଥ ପାତ୍ର ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ନଗେନ କୁମାର ସାମଲ, ପ୍ରଦୀପ କୁମାର ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ବୃନ୍ଦାବନ ସ୍ୱାଇଁ, ସତ୍ୟନାରାୟଣ ବେହୁରା, ଫକୀର ମୋହନ ସାହୁ, ବାବୁଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କେଦାରନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ୭୮ ପ୍ରଜାତିର ୨୪,୬୧୨ ପକ୍ଷୀ ଚିହ୍ନଟ

**ଡମପଡା, ଛତିଶାପାଟରେ ପକ୍ଷୀଗଣନା**

ବାଙ୍କୀ/ଚୌଦ୍ୱାର, ୯।୧(ସ୍ୱ.ପ୍ର./ଡି.ଏନ୍.ଏ.)

ଡମପଡା ବନଖଣ୍ଡ ଅଧୀନ ଜଳ ଓ ସ୍ଥଳ ଭାଗରେ ଶନିବାର ପକ୍ଷୀଗଣନା ହୋଇଛି। ଚନ୍ଦକା ଡମପଡ଼ା ବନଖଣ୍ଡ ପକ୍ଷରୁ ଏହି ଗଣନା କରାଯାଇଥିଲା। ଚଳିତ ବର୍ଷ ଏଠାକୁ ୬୨ ପ୍ରଜାତିର ୧୯୪୦୮ ପକ୍ଷୀ ଆସିଛନ୍ତି। ସେମାନଙ୍କ ମଧ୍ୟରେ କମନଟେଲ, ସ୍ୱପହେନ, ନର୍ଦ୍ଦନ ପିଣ୍ଟଇଲ, ନର୍ଦ୍ଦନ ଶୋଭେଲର ଓ ରୁଡ଼ି ସେଲଡକ ଆଦି ପ୍ରମୁଖ ବିଦେଶୀ ପକ୍ଷୀ ରହିଛନ୍ତି। ପାଥପୁର, ଗହଳବାଙ୍କ, ମୁଣ୍ଡଳୀ, ନରାଜ, ଦାରିଆ, ଘଷିପୁଟ ଓ କୁସୁପଙ୍ଗୀ ଆଦି ଅଞ୍ଚଳରେ ଏହି ଗଣନା ହୋଇଥିଲା। ଡମପଡା ରେଞ୍ଜ ଅଫିସର ଅଶୋକ ଦାସଙ୍କ ତତ୍ତ୍ୱାବଧାନରେରେ ୫ ଜଣିଆ ଟିମ୍ ଏହି ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଫରେଷ୍ଟର ପ୍ରମୋଦ ରାଉତ, ମୋହନ ମାରାଣ୍ଡି, ନିରୁଲତା ବେହେରା, ସଞ୍ଜୀବ ବେହେରା ଓ ରାକେଶ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ପରିବେଶବିତ୍ ସୁରେଶ ଚନ୍ଦ୍ର ତ୍ରିପାଠୀ ଗଣନାରେ ସହଯୋଗ କରିଥିଲେ।

ଚୌଦ୍ୱାର ନିକଟ ଛତିଶାପାଟରେ ପକ୍ଷୀଗଣନା କରାଯାଇଛି। ଏଥିରେ ମୋଟ୍ ୧୬ଟି ପ୍ରଜାତିର ୫୨୦୪ ପକ୍ଷୀ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକ ବିଦେଶାଗତ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି। ଚିହ୍ନଟ ପକ୍ଷୀମାନଙ୍କ ମଧ୍ୟରେ କ୍ୟାଟଲ ଏଗ୍ରେଟ, ଏସିଆନ୍ ଓପନ୍ ବିଲଷ୍ଟ୍ରକ୍, କିଙ୍ଗ ଫିସର, ରିଭର ଲ୍ୟାପ୍ ୱିଙ୍ଗ, ପିନ୍‌ଟେଲ ସ୍ନାଇପ୍, ଲେସର ଫ୍ଲୋରିକାନ୍, ଲିଟିଲ କର୍ମୋରାଣ୍ଟ, ଡାବଚିକ୍ ଓ ବ୍ଲାକ୍ ଟେଲ ଗଡ୍‌ୱିଟ ଭଳି ଅନେକ ପକ୍ଷୀ ଥିବା କଟକ ଡିଏଫଓ ସୁଦର୍ଶନ ପାତ୍ର ସୂଚନା ଦେଇଛନ୍ତି। ସେହିପରି ବୈରୀ ରେଞ୍ଜ ଅଧୀନ ସଫା ଅଞ୍ଚଳରେ ୩୮୪ ଓ ମଙ୍ଗରାଜପୁର ଅଞ୍ଚଳରେ ୨୦୦ ଦେଶୀ ପକ୍ଷୀ ଗଣନା କରାଯାଇଥିବା ରେଞ୍ଜର ଅଭିରାମ ଜେନା ସୂଚନା ଦେଇଛନ୍ତି। ଏହି ଗଣନା କାର୍ଯ୍ୟକ୍ରମରେ କଟକ, ବୈରୀ ରେଞ୍ଜର ବହୁ ଅଧିକାରୀ, କର୍ମଚାରୀ ଓ ପକ୍ଷୀଗଣନା ବିଶେଷଜ୍ଞମାନେ ସାମିଲ ହୋଇଥିଲେ।



ଡମପଡ଼ାରେ ବିଭିନ୍ନ ପ୍ରଜାତିର ପକ୍ଷୀ।

# ପିଲାଚୋର ସନ୍ଦେହରେ ପର୍ଯ୍ୟଟକଙ୍କୁ ଉଠାଇନେଲା ପୋଲିସ

ଭୁବନେଶ୍ୱର,୯।୧(ବ୍ୟୁରୋ):

ବରମୁଣ୍ଡା ଥାନା ଅଞ୍ଚଳରେ ବୁଲୁଥିବା ଜଣେ ପର୍ଯ୍ୟଟକଙ୍କୁ ପିଲା ଚୋର ସନ୍ଦେହରେ ସ୍ଥାନୀୟ ଫାଣ୍ଡି ପୋଲିସ ଉଠାଇ ନେଇଥିଲା। ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରିବା ସହ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲା। ସେ କୋଲକାତାରୁ ଓଡିଶା ବୁଲିବାକୁ ଆସିଥିବା ସ୍ପଷ୍ଟ ହେବା ପରେ ପୋଲିସ ତାଙ୍କୁ ଛାଡ଼ି ଦେଇଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଉକ୍ତ ପର୍ଯ୍ୟଟକ ଜଣକ ବୁଲୁଥିଲେ। ସ୍ଥାନୀୟ ଲୋକଙ୍କ ସନ୍ଦେହ ହେବାରୁ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିବା ସହ ତାଙ୍କୁ ଥାନାକୁ ଧରିନେଇଥିଲା।

# ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସଚେତନ କଲେ

**ପୂର୍ବରୁ ଖଣ୍ଡୁଆଳିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଥିଲା**

ଖୁଣ୍ଟୁଣୀ,୯।୧(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖଣ୍ଡୁଆଳି ଗ୍ରାମରେ ମୋଟ୍ ୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ହୋମ ଆଇସୋଲେସନରେ ରଖାଯାଇ ଥିବା ଆୟୁଷ ଡାକ୍ତର ଦୀପକ ରାଜ ସୂଚନା ଦେଇଛନ୍ତି। ଖଣ୍ଡୁଆଳି ଗ୍ରାମକୁ ଆଠଗଡ ଉପ ଜିଲାପାଳ ଅଜାମ୍ବର ମହାନ୍ତି ଶନିବାର ଠାରୁ ୭ ଦିନ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିଲେ। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଶନିବାର ଖଣ୍ଡୁଆଳି ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସଚେତନ କରିଥିଲେ। ଆସନ୍ତା ସୋମବାର ଉକ୍ତ ଗ୍ରାମରେ ପୁଣି କୋଭିଡ୍ ଟେଷ୍ଟ କରାଯିବ ବୋଲି ଡା. ରାଜ କହିଛନ୍ତି।

# ଖୋଲୁନି ସବୁ ମଣ୍ଡି, ଚାଷୀ ନିରାଶ

**ଖାଲିପଡ଼ିଛି ସମବାୟ ଅଧିକାରୀ ପଦବୀ**

ନିଶ୍ଚିନ୍ତକୋଇଲି, ୯।୧(ସ୍ୱ.ପ୍ର.)

ଚଳିତବର୍ଷ ଚାଷୀ ଧାନ ଅମଳ କରି ବିକ୍ରି କରିବାକୁ ଟୋକନ ପାଇଥିଲେ। ହେଲେ ମଣ୍ଡି ନ ଖୋଲିବାରୁ ସମବାୟ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିବାକୁ ପଡିଛି। ଖରିଫ ଧାନ ସଂଗ୍ରହ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଡିସେମ୍ବର ୨୩ରୁ ବିଜ୍ଞାପନ ମାଧ୍ୟମରେ ମଣ୍ଡି ଖୋଲିବାକୁ ଚାଷୀମାନଙ୍କୁ ଜଣାଇଥିଲେ। କିନ୍ତୁ ବ୍ଲକରେ ଏପର୍ଯ୍ୟନ୍ତ ବହୁ ମଣ୍ଡି ଖୋଲିନାହିଁ। ବ୍ଲକରେ ସମବାୟ ସମିତି ମାଧ୍ୟମରେ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଏପରି କି କେଉଁ ବାରରେ କେଉଁ ମଣ୍ଡି ଖୋଲିବ ସେନେଇ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷେ ବ୍ଲକର ସମବାୟ ଅଧିକାରୀଙ୍କ ବଦଳି ପରେ ଏହି ପଦବୀ ଖାଲିପଡିଛି। ମାହାଙ୍ଗା ବ୍ଲକ ସମବାୟ ଅଧିକାରୀ ନିଶ୍ଚିନ୍ତକୋଇଲି ବ୍ଲକ ଦାୟିତ୍ୱ ଦିଆଯାଇଥିଲେ ହେଁ ଏଯାବତ୍ ବ୍ଲକରେ ତାଙ୍କର ଦେଖାମିଳୁନାହିଁ। ବ୍ଲକ ପାଇଁ ୩ ଜଣ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବଳଦେବ ଜୀଉ, କଳମିଶ୍ରି ଜୟନ୍ତାପୁର ବନ୍ଧକାଟିଆ, ଅଚ୍ୟୁତାନନ୍ଦ, କେନ୍ଦୁପାଟଣା, ଶୁକରପଡା ଓ ନିଶ୍ଚିନ୍ତକୋଇଲି ସମବାୟ ସମିତିରୁ ଇତି ମଧ୍ୟରେ ଧାନ କିଣାଯାଇଛି। ବ୍ଲକରେ ଅବଶିଷ୍ଟ ମଣ୍ଡି ଖୋଲିନାହିଁ। ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ଜିଲା ସମବାୟ ବିଭାଗ ଅଧୀନରେ ୧୩ଟି ସମବାୟ ସମିତି ଓ ଜଗତ୍‌ସିଂପୁର ଜିଲା ସମବାୟ ବିଭାଗ ଅଧୀନରେ ଉତ୍ତରକୂଳ ଓ ଶିର୍ଲୋ ୨ଟି ସମବାୟ ସମିତି କାର୍ଯ୍ୟ କରୁଛି। ତେବେ ଧାନ ସଂଗ୍ରହ ପାଇଁ କଟକ ଜିଲା ସମବାୟ ବିଭାଗ ଅଧୀନରେ ୧୫ଟି ସମବାୟ ସମିତି କାର୍ଯ୍ୟ କରୁଛି। ସମବାୟ ସମିତିଗୁଡିକର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ଅବଧି ଶେଷ ହୋଇଯାଇଥିବା ବେଳେ ଏବେ କେବଳ ପ୍ୟାଡି ପ୍ରୋକ୍ୟୋରମେଣ୍ଟ କମିଟି ଧାନ କିଣା ଦାୟିତ୍ୱରେ ରହିଛନ୍ତି। ବ୍ଲକରେ ନିଯୁକ୍ତ ହୋଇଥିବା ପ୍ରଶାସନିକ ଅଧିକାରୀ ଓ ସମବାୟ ଅଧିକାରୀଙ୍କ ଅନୁପସ୍ଥିତି ହେତୁ ବହୁ ସମବାୟ ସମିତିରେ ଅଣଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ମିଳୁଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସମବାୟ ଅଧିକାରୀ ବିନୟ ରଞ୍ଜନ ବଳ କୁହନ୍ତି, ନିଶ୍ଚିନ୍ତକୋଇଲି ବ୍ଲକ ପାଇଁ ମୋତେ ଅତିରିକ୍ତ ଦାୟିତ୍ୱ ମିଳିଛି । ମାହାଙ୍ଗା ବ୍ଲକରେ ଥିବା ୧୨ ସୋସାଇଟି ଦାୟିତ୍ୱରେ ମୁଁ ରହିଛି । ନିଶ୍ଚିନ୍ତକୋଇଲି ବ୍ଲକରେ ଯେଉଁମାନେ ପ୍ରଶାସନିକ ଅଧିକାରୀ ଅଛନ୍ତି ଧାନକିଣା ଦାୟିତ୍ୱ ବୁଝୁଛନ୍ତି। ମୋ ପକ୍ଷରେ ଏତେ ଗୁଡିକ ସୋସାଇଟି ବୁଝିବା ସମ୍ଭବ ନୁହେଁ।

# ଆଇନ ଗବେଷଣା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

କଟକ ଅଫିସ, ୯।୧

ଲିଗାଲ ଏଡ୍ କାଉନସିଲ ପକ୍ଷରୁ କଟକ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଆଇନ ଗବେଷଣା ଓ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ଉଷାରାଣୀ ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ପ୍ରଶିକ୍ଷଣ ଦ୍ୱାରା ଆଇନଜୀବୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି କହିଥିଲେ। କାଉନସିଲର ସମ୍ପାଦକ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗଦେଇ କହିଥିଲେ, ଏହି ଶିବିର ନିଃଶୁଳ୍କ ଭାବେ ନିୟମିତ ସୋମବାରଠାରୁ ଗୁରୁବାର ପର୍ଯ୍ୟନ୍ତ ସନ୍ଧ୍ୟା ସମୟରେ ଚାଲୁ ରହିବ। ଏହାଦ୍ୱାରା ଆର୍ଥିକ ଦୁର୍ବଳ ଆଇନଜୀବୀମାନେ ନ୍ୟାୟିକ ସେବା ତଥା ଓଜେଏସ୍, ଏଡିଜେ, ପିପି, ଏପିପି ପ୍ରବେଶିକା ପରୀକ୍ଷା ଦେବାରେ ସହାୟକ ହେବ। ଆଇନଜୀବୀ ଦୁଃଖିଶ୍ୟାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ରେଶ୍‌ମା ବେହେରା, ନେପ୍‌ଚ୍ୟୁନ ଦାସ, କାମିନୀକାନ୍ତ ମହାନ୍ତି, ସୁନୀଲ ପ୍ରଧାନ, ସରୋଜ ପଟେଲ, ସୁଷମା ସାହୁ, ମନୋସ୍ୱିନୀ ରାଉତ, ବିଜୟଲକ୍ଷ୍ମୀ ସାହୁ, ଅନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପାଚେରୀର ସୌନ୍ଦର୍ଯ୍ୟକରଣ ପାଇଁ ଜଣେ ଶିଳ୍ପୀ ରଙ୍ଗତୂଳୀରେ ଚିତ୍ରିତ କରୁଛନ୍ତି।



କଟକ ବାଦାମବାଡି ନ୍ୟୁ ଏଲ୍‌ଆଇସି କଲୋନୀ ଆଦର୍ଶ ଆବାସିକ ସଂଘ ପକ୍ଷରୁ ଅନୁଷ୍ଠିତ ସାମୂହିକ ହନୁମାନ ଚାଳିଶା ପାଠ।

## ମହୁଖଣ୍ଡାରେ ଖୋଲିଲା ଧାନମଣ୍ଡି

ବାଲିଅନ୍ତା, (ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଜୟଦେବ ପଞ୍ଚାୟତ ମହୁଖଣ୍ଡା ସେବା ସମବାୟ ସମିତି ପକ୍ଷରୁ ଶନିବାର ଧାନମଣ୍ଡି ଉଦ୍ଘାଟିତ ହୋଇଛି। ବିଧାୟକ ଡ. ଅରବିନ୍ଦ ଢାଲି ଏହାକୁ ଉଦ୍ଘାଟନ କରିଥିଲେ। ଉତ୍ସବରେ ଜିଲା ପରିଷଦ ସଭ୍ୟ ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ପ୍ରଜ୍ଞାପାରମିତା ଜେନାମଣି, ସମିତିର ପ୍ରଶାସନିକ ଅଧିକାରୀ ସନ୍ତୋଷ ମଙ୍ଗରାଜ, ଅଚ୍ୟୁତାନନ୍ଦ ପାତ୍ର, ଏରିଆ ଅଧିକାରୀ ପ୍ରଶାନ୍ତ ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଚାଷୀ କପିଳେନ୍ଦ୍ର ଜେନା ଓ ତ୍ରିଲୋଚନ ତ୍ରିପାଠୀ ଚାଷ ସମ୍ପର୍କରେ କହିଥିଲେ। ପ୍ରଥମ ଦିନରେ ୨୭ଜଣ ଚାଷୀଙ୍କଠାରୁ ୪୫୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା।

**ସଂକ୍ଷେପରେ**

### ଶ୍ରୀଲିଙ୍ଗରାଜ ମନ୍ଦିର: ୯ମାସ ପରେ ମିଳିଲା ମହାପ୍ରସାଦ

ପୁରୁଣା ଭୁବନେଶ୍ୱର,୯।୧(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ମନ୍ଦିରରେ ଶନିବାରଠାରୁ ସର୍ବସାଧାରଣଙ୍କ ପାଇଁ ମହାପ୍ରସାଦ ଉପଲବ୍ଧ ହୋଇଛି। କୋଭିଡ୍-୧୯ ପାଇଁ ଦୀର୍ଘ ୯ମାସ ହେବ ଶ୍ରୀଲିଙ୍ଗରାଜ ମନ୍ଦିରରେ ଶ୍ରୀଜୀଉଙ୍କ ଲାଗି କେବଳ କୋଠଭୋଗରେ ଶଙ୍ଖୁଡି ଭୋଗ ପାଇଁ ମହାପ୍ରସାଦ ରନ୍ଧା ଯାଇ ଲାଗି ହୋଇ ଆସୁଥିଲା। କଟକଣା ହଟିବା ପରେ ଏବେ ଆନନ୍ଦବଜାରରେ ସର୍ବସାଧାରଣଙ୍କ ପାଇଁ ମହାପ୍ରସାଦ ଉପଲବ୍ଧ ହୋଇଥିବା ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି। ମହାପ୍ରସାଦ ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଯାଇଥିଲା।

### ୪ଘଣ୍ଟା ପାଳନ ହେବ ଶିଶୁପାଳଗଡ଼ ମହୋତ୍ସବ

ପୁରୁଣା ଭୁବନେଶ୍ୱର,୯।୧(ଡି.ଏନ୍.ଏ.): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ସପ୍ତମ ଶିଶୁପାଳଗଡ଼ ମହୋତ୍ସବ କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ଅନୁଷ୍ଠିତ ହେବ। ଏଥର ୪ଦିନ ପରିବର୍ତ୍ତେ ୪ଘଣ୍ଟା ମହୋତ୍ସବ ପାଳନ ହେବ। ଫେବୃୟାରୀ ୬ରେ କଳ୍ପନା ଛକ ସ୍ଥିତ ଏକ ହୋଟେଲରେ ୧୦୦ଜଣ ଦର୍ଶକଙ୍କୁ ନେଇ ଏହି ମହୋତ୍ସବ ହେବ। ୪ଘଣ୍ଟା ମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ କଳାକାରମାନେ ନୃତ୍ୟ କଳା ପ୍ରଦର୍ଶନ କରିବେ ବୋଲି ମହୋତ୍ସବ ଆୟୋଜକ କଳିଙ୍ଗ ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି। ପ୍ରକାଶ ଯେ, ଶିଶୁପାଳଗଡ଼ ଦଶହରା ପଡ଼ିଆରେ ପ୍ରତିବର୍ଷ ଏହି ମହୋତ୍ସବ ୪ଦିନ ଧରି ଅନୁଷ୍ଠିତ ହୋଇଥାଏ।

### ଚନ୍ଦକାରେ ପକ୍ଷୀ ଗଣନା ଆରମ୍ଭ

ବାରଙ୍ଗ,୯।୧(ଡି.ଏନ୍.ଏ.): ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଶନିବାର ଆରମ୍ଭ ହୋଇଛି ପକ୍ଷୀ ଗଣନା। ଭୁବନେଶ୍ୱର, ହଳଦିଆ, ଚନ୍ଦକା ଓ ଡମପଡ଼ାର ୪ଟି ରେଞ୍ଜକୁ ନେଇ ପକ୍ଷୀ ଗଣନା ହେବ। ଏହି ପକ୍ଷୀ ଗଣନା କାର୍ଯ୍ୟରେ ୬୫ଜଣିଆ ସଦସ୍ୟଙ୍କୁ ନେଇ ୧୩ ଜଣିଆ ଟିମ୍ ଗଠିତ ହୋଇଛି। ଏହି ଟିମ୍ ଅଭୟାରଣ୍ୟର ଆର୍ଦ୍ରଅଞ୍ଚଳକୁ ଯାଇ ବାଇନାକୁଲର ମାଧ୍ୟମରେ ପକ୍ଷୀମାନଙ୍କୁ ଚିହ୍ନଟ କରୁଛନ୍ତି ଏହି ଟିମ୍ ମୁଖ୍ୟତଃ ଝୁମୁକା, ଡେରାସ, ଅମ୍ପିଲୋ, କୁମାରଖୁଣ୍ଟି, ବାରଙ୍ଗର ପୁରୀ ମେନ୍ କେନାଲ ଅଞ୍ଚଳକୁ ଯାଇ ପକ୍ଷୀଗଣନା ଆରମ୍ଭ କରିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ବାରଙ୍ଗ,୯।୧(ଡି.ଏନ୍.ଏ.)- ବିବାହର ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସୋମନାଥ ବେହେରା। ସୂଚନାଯୋଗ୍ୟ, ସୋମନାଥ ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପରିଚୟ ହୋଇଥିଲେ। ପରେ ପ୍ରେମ କରିବା ସହ ବିବାହ ଆଳ ଦେଖାଇ ସମ୍ପର୍କ ରଖିଥିଲେ। ପରେ ନାବାଳିକା ଜଣଙ୍କ ଅନ୍ତଃସତ୍ତ୍ୱା ହେବା ପରିବାର ଲୋକେ ଜାଣିଥିଲେ। ଏ ସମ୍ପର୍କରେ ନାବାଳିକା ଜଣକ ସୋମନାଥଙ୍କୁ ପଚାରିବାରୁ ଧରାଛୁଆଁ ଦେଉ ନ ଥିଲେ। ଶେଷରେ ନାବାଳିକାଙ୍କ ପରିବାର ଲୋକେ ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୭/୨୧) ରୁଜୁ କରି ତଦନ୍ତ ଚଳାଇ ସୋମନାଥଙ୍କୁ ଗିରଫ କରିଥିଲା। ପରେ ନାବାଳିକାଙ୍କୁ ଡାକ୍ତରୀମାଇନା କରିଥିଲେ।

### ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଗିରଫ

ବାଲିପାଟଣା,୯।୧(ଡି.ଏନ୍.ଏ.): ବାଲିପାଟଣା ଥାନା ପୋଲିସ ଶନିବାର ୩ଟି ମାମଲାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମହୁଖଣ୍ଡା ଗ୍ରାମର ସୁଦର୍ଶନ ଖଟୁଆ। ସୂଚନା ମୁତାବକ, ୩ଦିନ ପୂର୍ବେ ସୁଦର୍ଶନ ଏହି ଗ୍ରାମର ବାସୁଦେବ ଖଟୁଆଙ୍କ ହାତ ଭାଙ୍ଗିଦେଇଥିଲେ। ଏହା ସହିତ ରବୀନ୍ଦ୍ର ରାଉତଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ତାଙ୍କ ବାଉଁଶ ବୁଦାରେ ନିଆଁ ଲଗାଇଦେଇଥିଲେ। ଉକ୍ତ ଗ୍ରାମର ପାଣୁ ଖଟୁଆଙ୍କୁ କଟୁରି ଧରି ଗୋଡ଼ାଇ ଥିଲେ। ଏ ନେଇ ଥାନାରେ ସୁଦର୍ଶନଙ୍କ ନାଁରେ ୩ଟି ମାମଲା (ନଂ.୧/୨୧, ୨/୨୧. ୩୭୨/୨୦) ରୁଜୁ ହୋଇଥିଲା।

# ଜେଲ୍‌ରେ ବାହୁସ୍ଫୋଟ ମାରି ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

**ନୟାପଲ୍ଲୀ ତୁଳସୀ ଦେଇ ହତ୍ୟା ମାମଲାର ପର୍ଦ୍ଦାଫାଶ**

- କଏଦୀଙ୍କୁ ହତ୍ୟା ଓ ଅପରାଧ କଥା କହି ଫସିଲେ
- ନାରାୟଣଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା
- ଗିରଫ ହେଲେ ଆଉଜଣେ ଅଭିଯୁକ୍ତ, ଟାର୍ଗେଟରେ ବାନ୍ଧବୀ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଲକ୍‌ଡାଉନ୍ ସମୟରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଲୁଟ୍ ପାଇଁ ତୁଳସୀ ଦେଇ ନାମକ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିଲା। ୫ ମାସ ପରେ ଏହି ହୃଦୟବିଦାରକ ଘଟଣାର ମୁଖ୍ୟ ଅଭିଯୁକ୍ତ ଧରାପଡିଛନ୍ତି। ସେ ଅନ୍ୟ ଏକ ଲୁଟ୍ ଘଟଣାରେ ଜେଲ୍‌ରେ ଥିବାବେଳେ କଏଦୀଙ୍କୁ ଉକ୍ତ ଲୁଟ୍ ଓ ହତ୍ୟା କିପରି ଘଟାଇଥିଲେ କହି ଫସି ଯାଇଛନ୍ତି। ସେ ହେଲେ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ପୋଲସରା ଅଞ୍ଚଳର ନାରାୟଣ ମହାନ୍ତି। ଏକଥା କମିଶନରେଟ ପୋଲିସର କାନକୁ ଆସିବା ପରେ ଘଟଣାର ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ଶନିବାର ଏହି ଘଟଣାରେ ସମ୍ପୃକ୍ତ ସହଯୋଗୀ ସାଗର ପ୍ରଧାନ ଓରଫ ବାବୁଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ତାଙ୍କୁ ପଚରାଉଚରା ପରେ ମୁଖ୍ୟ ଅଭିଯୁକ୍ତ ନାରାୟଣଙ୍କ ଅପରାଧ ସମ୍ପର୍କରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି। ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୫ରୁ ଅଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।

**ଲୁଟ୍ ଗହଣାରେ ବାନ୍ଧବୀଙ୍କୁ ଖୁସି କରୁଥିଲେ**

ନାରାୟଣ ଓ ସହଯୋଗୀ ସାଗର ସହର ସାରା ଲୁଟ୍‌ପାଟ କରିବା ସହ ଆତଙ୍କ ଖେଳାଉଥିଲେ। ଏକାକୀ ଯାଉଥିବା ବା ରହୁଥିବା ମହିଳାଙ୍କୁ ଏମାନେ ଟାର୍ଗେଟ୍ କରୁଥିଲେ। ପ୍ରଥମେ ଧମକାଇ ସୁନା ଗହଣା ଦେବାକୁ କହୁଥିଲେ। ନ ମିଳିଲେ ହତ୍ୟା କରିବାକୁ ପଛାଉ ନ ଥିଲେ। ଉଭୟ ଲୁଟ୍ ସୁନା ଗହଣା ଓ ଟଙ୍କାରେ ମଉଜମସ୍ତି କରୁଥିଲେ। କଏଦୀଙ୍କ ଆଗରେ ଗର୍ବରେ ଏସବୁ କହି ବାହୁସ୍ଫୋଟ ମାରୁଥିଲେ। ଏମିତିକି ତାଙ୍କ ପ୍ରେମିକାଙ୍କର ମଧ୍ୟ ଏସବୁ କଳା କାରନାମାରେ ସମ୍ପୃକ୍ତି ଥିବା ସେ କହିଥିଲେ। କିଛି ଘଟଣାରେ ଉଭୟ ପ୍ରେମୀଯୁଗଳ ଲୋକଙ୍କୁ ଲୁଟ୍ ମଧ୍ୟ କରିଥିଲେ। ଏପଟେ ସହଯୋଗୀ ସାଗରଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଆଉକିଛି କଥା ଜଣାପଡିଥିଲା। ଲୁଟ୍ ସୁନା ଉଭୟଙ୍କ ମଧ୍ୟରେ ଅଧା ଅଧା ହେଉଥିଲା। ତେବେ ସୁନା ଅଳଙ୍କାର ନିଜ ବାନ୍ଧବୀଙ୍କୁ ଦେଇ ଖୁସି କରୁଥିଲେ ନାରାୟଣ। ନୟାପଲ୍ଲୀରେ ବୃଦ୍ଧାଙ୍କୁ କଟୁରୀରେ ହାଣି ସୁନା ଗହଣା ଲୁଟ୍ ପରେ ତାହାକୁ ମଧ୍ୟ ନିଜ ବାନ୍ଧବୀଙ୍କୁ ଦେଇଥିଲେ ନାରାୟଣ।

ଉଭୟ ମିଳିତ ଭାବେ ସୁନା ଅଳଙ୍କାର ଲୁଟ୍ କରୁଥିଲେ ଓ ଏମାନଙ୍କର ଅନ୍ୟ କେଉଁ କେଉଁ ଘଟଣାରେ ସମ୍ପୃକ୍ତି ରହିଛି ତାହା ଜାଣିବାକୁ ନାରାୟଣଙ୍କୁ ଶନିବାରଠାରୁ ୨ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା, କରୁଛି ପୋଲିସ। ନାରାୟଣଙ୍କ ଆପରାଧିକ ସାମ୍ରାଜ୍ୟରେ ତାଙ୍କ ବାନ୍ଧବୀଙ୍କ ସମ୍ପୃକ୍ତି ଥିବା ଜାଣିବା ପରେ ପୋଲିସ ତାଙ୍କୁ ଟାର୍ଗେଟ କରିଥିବା ସୂଚନା ମିଳିଛି।

ଗତବର୍ଷ ଜୁଲାଇ ୨୬ ସକାଳ ପ୍ରାୟ ୯ଟାରେ ଅଭିଯୁକ୍ତମାନେ ନୟାପଲ୍ଲୀସ୍ଥିତ ଏନ୍-୪ /୨୬୩ରେ ରହୁଥିବା ତୁଳସୀ (୭୦)ଙ୍କ ଘରେ ପଶି ଲୁଟ୍ କରିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଏକ କଟୁରିରେ ତୁଳସୀଙ୍କ ମୁଣ୍ଡକୁ ବାରମ୍ବାର ହାଣିବା ସହ କାନ କାଟି ପିନ୍ଧିଥିବା ୧୦ ଭରିର ସୁନାଚେନ ଓ କାନଫୁଲ ଲୁଟିଥିଲେ। ଗୁରୁତର ଆହତ ତୁଳସୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ୫ଦିନ ଧରି ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ଆଖି ବୁଜିଥିଲେ। ଏହି ଘଟଣା ସେତେବେଳେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଘଟଣା ପରେ ମଧ୍ୟ ଅଭିଯୁକ୍ତମାନେ ସହରରେ ବୁଲି ଲୁଟ୍‌ପାଟ୍ କରୁଥିଲେ। ଅଗଷ୍ଟ ୮ରେ ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ଛିନ୍‌ତାଇ ଘଟଣାରେ ଅଭିଯୁକ୍ତ ନାରାୟଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ ମଧ୍ୟ ଉକ୍ତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପୋଲିସ ପୋଲିସ ଜାଣିପାରି ନ ଥିଲା।

# ଧରାପଡ଼ିଲା ୱାନ୍‌ମ୍ୟାନ୍ ଲୁଟେରା ଗ୍ୟାଙ୍ଗ୍

- ୨୦ ମୋବାଇଲ୍ ଫୋନ୍, ୩ ଲାପ୍‌ଟପ୍, ବାଇକ ଜବତ
- ଲଜ୍‌ରେ ରହି ଲୁଟ୍ କରୁଥିଲେ ଅଭିଯୁକ୍ତ ସଞ୍ଜିତ

ଭୁବନେଶ୍ୱର, ୯।୧(ବ୍ୟୁରୋ)


ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ ।

ରାଜଧାନୀରେ ଲୁଟେରାଙ୍କ ଉତ୍ପାତ ବଢ଼ି ଚାଲିଥିବାବେଳେ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ କିଛିଦିନ ଧରି କମିଶନରେଟ ପୋଲିସର ନିଦ ହଜାଇଥିବା ୱାନ୍‌ମ୍ୟାନ୍ ଲୁଟେରା ଗ୍ୟାଙ୍ଗ୍ ଶେଷରେ ଧରାପଡିଛି। ଗ୍ୟାଙ୍ଗର ସର୍ବେସର୍ବା କୁହାଯାଉଥିବା ଜଣେ ଅଭିଯୁକ୍ତଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ନୂଆଗାଁ ଅଞ୍ଚଳର ସଞ୍ଜିତ କୁମାର ରାଏ। ପୋଲିସ ତାଙ୍କଠାରୁ ୨୦ ମୋବାଇଲ ଫୋନ୍, ୩ ଲାପ୍‌ଟପ୍ ଓ ଗୋଟିଏ ଚୋରା ବାଇକ୍ ଜବତ କରିଛି। ସଞ୍ଜିତଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୨ ମାମଲା ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ଅଭିଯୁକ୍ତ ସଞ୍ଜିତ ଅଶୋକନଗର ଅଞ୍ଚଳରେ ଥିବା ଏକ ଲଜ୍‌ରେ ରହି ସହରରେ ଲୁଟ୍ କରୁଥିଲେ। ଡିସେମ୍ବର ୧ରେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ଅଞ୍ଚଳରେ ରହୁଥିବା ମିଥୁନ ସାହୁଙ୍କ ଘରେ ପଶି ସେ ମୋବାଇଲ ଫୋନ୍ ଚୋରିକରି ଫେରାର ହୋଇଯାଇଥିଲେ। ଏ ନେଇ ମିଥୁନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତ ଶୁକ୍ରବାର ପୋଲିସ ଅଭିଯୁକ୍ତଙ୍କୁ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରୁ ଗିରଫ କରିବା ସହ ସେ ବ୍ୟବହାର କରୁଥିବା ଚୋରା ବାଇକ ଜବତ କରିଥିଲା। ତାଙ୍କୁ ପଚରାଉଚରାବେଳେ ସେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି କରିଥିବା ନେଇ ସ୍ୱୀକାର କରିଥିଲେ। ପରେ ଉକ୍ତ ଲଜ୍‌ରେ ଚଢ଼ାଉ କରି ସେ ରହୁଥିବା ଘରୁ ଅନ୍ୟ ଚୋରି ସାମଗ୍ରୀ ଜବତ କରିଥିଲା ପୋଲିସ।

# ଘନକୁହୁଡ଼ି ସମ୍ଭାବନା: ଉପରମୁହାଁ ପାରଦ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଶୀତ ଏକ ପ୍ରକାର ଗାଏବ ହୋଇଯାଇଛି। ଦିନରେ ତାତି ଝାଇଁ ଝାଇଁ କରି ପକାଉଛି। ଦିନରେ ପାରଦ ଉପରମୁହାଁ ହୋଇଛି। ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରକୁ ଉଠିଗଲାଣି। ଦିନର ତାପମାତ୍ରା ୩୪ ଡିଗ୍ରୀ ଛୁଇଁଲାଣି। ଜାନୁୟାରୀରୁ ତାତି ଯେପରି ଉଗ୍ର ରୂପ ଧାରଣ କଲାଣି ମାର୍ଚ୍ଚ ବେଳକୁ ପରିସ୍ଥିତି ଅସମ୍ଭାଳ ହେବା ଜଳଜଳ ହୋଇ ଦେଖାଗଲାଣି। ଚଳିତ ବର୍ଷ ଜାଡ ଆଉ ଥରେଇବ ନାହିଁ। ଆସନ୍ତା ୧୫ ତାରିଖ ବେଳକୁ ସର୍ବନିମ୍ନ ପାରଦ ୨ରୁ ୩ ଡିଗ୍ରୀ ତଳକୁ ଖସି ପାରେ। ଜାନୁୟାରୀ ଶେଷ ବେଳକୁ ତାତି ଆହୁରି ବଢ଼ିଯିବ। ଶୀତ କମି ଯାଇଥିବା ବେଳେ ଆସନ୍ତା ଦୁଇଦିନ କୁହୁଡ଼ି ହେବ। ରବିବାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ମୟୂରଭଞ୍ଜ ଏବଂ ଭଦ୍ରକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ସୋମବାର ଜଗତ୍‌ସିଂହପୁର, ନୟାଗଡ, କନ୍ଧମାଳ ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ କୁହୁଡି ହେବାର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୮ଟି ସ୍ଥାନରେ ପାରଦ ୩୩ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ମାଲକାନଗିରିରେ ସର୍ବାଧିକ ୩୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୩୩.୪, ବଲାଙ୍ଗୀର ୩୩.୮, ଭୁବନେଶ୍ୱର ୩୩, ଝାରସୁଗୁଡା ୩୩.୪, ସମ୍ବଲପୁର ୩୩.୮, ନୟାଗଡ ୩୩.୫ ଏବଂ ବୌଦ୍ଧ ଜିଲାରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।



ଭୁବନେଶ୍ୱର ରସୁଲଗଡ଼ ଛକରେ ୩ଜଣ ଶିଶୁ ବୁଲି ବୁଲି ବେଲୁନ ବିକ୍ରି କରୁଛନ୍ତି।

# ଟଙ୍କା ଆଦାୟ ପାଇଁ ପ୍ରତି ଜିଲାରେ କୋଅର୍ଡିନେଟର ଥିଲେ

**ଧାରଣା ପଛରେ ଟଙ୍କା ରୋଜଗାର ଘଟଣା**

**ରିମାଣ୍ଡରେ ଆସି ଚାଞ୍ଚଲ୍ୟକର ତଥ୍ୟ ଦେଲେ ଅଭିଯୁକ୍ତ**

ଭୁବନେଶ୍ୱର,୯।୧(ବ୍ୟୁରୋ)

ଛଟେଇ ହୋଇଥିବା କୋଭିଡ-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ପୁନଃ ଥଇଥାନ ଓ ସ୍ଥାୟୀ ଚାକିରି ଦାବି କରି ଦୀର୍ଘଦିନ ହେବ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ଏହି ଧାରଣା ପଛରେ ଏକ ର୍ୟାକେଟ କାର୍ଯ୍ୟ କରୁଥିବା ଓ ଧାରଣାରେ ବସି ୧୫ହଜାର ଟଙ୍କା ଲେଖାଏ ଦେଲେ ଚାକିରି ମିଳିବାର ପ୍ରଲୋଭନ ଦେଖାଇ ଟଙ୍କା ଆଦାୟ କରୁଥିବା ଘଟଣାରେ ନୂଆ ତଥ୍ୟ ପାଇଛି କମିଶନରେଟ ପୋଲିସ। ଗୁରୁବାର ଗଞ୍ଜାମର ୩ଜଣଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଥିଲା। ସେମାନଙ୍କୁ ପଚରଉଚରାବେଳେ କେତେଜଣ ରାଜନେତା ଓ ଅନ୍ୟମାନେ ସମ୍ପୃକ୍ତି ଥିବା ନେଇ ପୋଲିସ ସୂଚନା ପାଇଥିଲା। ତେଣୁ ଅଧିକ ଖୋଳତାଡ଼ ପାଇଁ ଅନ୍ୟତମ ଅଭିଯୁକ୍ତ ଅଶ୍ୱିନ ଦୋରାଙ୍କୁ ପୋଲିସ ଶନିବାରଠାରୁ ୨ଦିନିଆ ରିମାଣ୍ଡରେ ଆଣି ଜେରା ଆରମ୍ଭ କରିଛି। ଏ ସମ୍ପର୍କରେ ଡିସିପି ଉମାଶଙ୍କର ସୂଚନା ଦେଇ କହିଛନ୍ତି ଯେ, ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଞ୍ଜାମ ଯାଇଛି। ରିମାଣ୍ଡର ପ୍ରଥମ ଦିନରେ ଅଶ୍ୱିନଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସଚିନ୍ କେତେଜଣ ରାଜନେତାଙ୍କ ନାଁ ନେଇଥିବାବେଳେ ପ୍ରତ୍ୟେକ ଜିଲାରେ ପୁଅ, ଝିଅଙ୍କୁ କୋଅର୍ଡିନେଟର ରଖାଯାଇ ଟଙ୍କା ଆଦାୟ କରାଯାଉଥିବା କଥା କହିଛନ୍ତି। ୬ରୁ ୮ଜଣ ପିଲା ଅଭିଯୁକ୍ତଙ୍କୁ ଟଙ୍କା ଦେଇଥିବା ସେ ସ୍ୱୀକାର କରିଛନ୍ତି। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବା ସହ ସମସ୍ତ ଟଙ୍କା ରିକଭରି କରାଯିବ ବୋଲି ଡିସିପି କହିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଧାରଣାରତ ୩୫୦୦ ସ୍ୱାସ୍ଥ୍ୟକର୍ମୀଙ୍କୁ ଟାର୍ଗେଟ୍ କରିଥିଲେ। ସେମାନଙ୍କ ନିକଟରୁ ଅତି କମ୍‌ରେ ୧ କୋଟି ଟଙ୍କା ଆଦାୟ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏନେଇ ଏକ ଅଡିଓ ପୋଲିସ ହାତରେ ଲାଗିବା ପରେ କ୍ୟାପିଟାଲ ଥାନା ପୋଲିସ ନିଜ ପକ୍ଷରୁ ତଦନ୍ତ କରି ପଦକ୍ଷେପ ଆରମ୍ଭ କରିଥିଲା।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ


@ ଦମୟନ୍ତୀ


@ ଅଭିନନ୍ଦନ


@ ସୌମ୍ୟରଞ୍ଜନ


@ କୃଷ୍ଣଚନ୍ଦ୍ର


@ ପ୍ରିୟରଞ୍ଜନ


@ ସୁବାଶିଷ


@ ସୁଭାଂଶୁ

## ମଦ ଜବତ, ବେପାରୀ ଗିରଫ

**ନିମାପଡ଼ା,(ଡି.ଏନ୍.ଏ.):** ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଶନିବାର ନିମାପଡ଼ା, ବାମନାଳ, ସଲଙ୍ଗ, ଆମରଙ୍ଗ, ଅରିଷଣ୍ଡ ପ୍ରଭୃତି ଅଞ୍ଚଳ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଜଣେ ଚୋରା ମଦ ବ୍ୟବସାୟୀଙ୍କଠାରୁ ୨୫ବୋତଲ ଚୋରା ଦେଶୀ ମଦ ଜବତ କରାଯାଇଛି। ଏ ନେଇ ନିମାପଡ଼ା ଥାନା ଅଧୀନ ଆମରଙ୍ଗ ଗ୍ରାମର ମଦ ବେପାରୀ ଆଲୋକ କୁମାର ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇଛି। ନିମାପଡ଼ା ଅବକାରୀ ଏସ୍ଆଇ ଯୋଗମାୟା ମଲ୍ଲିକ, ସବିତା ସାହୁ, ଜିତେନ୍ଦ୍ର ବେହେରା ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ।

**ସଂକ୍ଷେପରେ**

## ୮ବର୍ଷର ଅର୍ଚ୍ଚିତା କୁନି କବି

**କଣାସ,୯।୧(ସ୍ୱ.ପ୍ର.):** କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତର ନୂଆଗାଁ ଗ୍ରାମରେ ଜନ୍ମିତ ଆଠବର୍ଷର ପ୍ରତିଭା ଅର୍ଚ୍ଚିତା ଶ୍ରୀଚନ୍ଦନ ନିଜର କବି ପ୍ରତିଭା ପାଇଁ ଏବେ ଚର୍ଚ୍ଚାରେ। ବିଭିନ୍ନ ସ୍ଥାନରେ ଆୟୋଜିତ ସାହିତ୍ୟ ସମ୍ମିଳନୀରେ ଯୋଗଦେଇ ଶୁଣାନ୍ତି ନିଜର ରଚିତ କବିତା। ୨୦୧୯ରେ ଅର୍ଚ୍ଚିତାଙ୍କ 'ମୂର୍ଚ୍ଛନା' ନାମରେ ଲିଖିତ ବହିଟିଏ ପ୍ରକାଶିତ ହୋଇଥିଲା। ତୃତୀୟ ଶ୍ରେଣୀରେ ପଢୁଥିବା ଏହି କୁନି ଛାତ୍ରୀଙ୍କର ପୁସ୍ତକ ଉନ୍ମୋଚନ ଅବସରରେ ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଆଠବର୍ଷର ଏହି ଛାତ୍ରୀ ଜଣଙ୍କ ନିଜ ସୃଜନୀ ଶକ୍ତିର ପରିପ୍ରକାଶ କରି ବିଭିନ୍ନ ବର୍ଗରୁ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ସାହିତ୍ୟ ରଚନା କରିବା ସହିତ ଚିତ୍ର ଆଙ୍କିବା, ଖବରକାଗଜରେ ପ୍ରକାଶିତ ସାହିତ୍ୟପୃଷ୍ଠା ପଢ଼ିବାରେ ରୁଚି ରଖିଥିବା ଅର୍ଚ୍ଚିତା ଶ୍ରେଣୀରେ ଭଲ ପାଠ ମଧ ପଢ଼ନ୍ତି। ଭବିଷ୍ୟତରେ ସାହିତ୍ୟ ରଚନା କରିବା ସହ ଡାକ୍ତରୀ ପଢ଼ିବା ପାଇଁ ଇଚ୍ଛା କରିଥିବା ସେ କହିଛନ୍ତି।

## ସମାଧାନ ପାଇଁ ସବ୍‌କମିଟି ବୈଠକ

### ଜାଗୁଳେଇପଦର-ନଈକୂଳପାଟଣା ଗ୍ରାମର ବିବାଦ

**କଣାସ,୯।୧(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତର ଜାଗୁଳେଇପଦର ଏବଂ ଗଡ଼ିଶାଗୋଦା ପଞ୍ଚାୟତର ନଈକୂଳପାଟଣା ଗ୍ରାମ ମଧ୍ୟରେ ଦୟାନଦୀରୁ ମାଛଧରାକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗିରହିବା ସହ ବନ୍ଧୁକ ଓ ବୋମାମାଡ଼ ବାରମ୍ବାର ହେବାରୁ ବ୍ଲକ ପ୍ରଶାସନ ଓ ଥାନାଧିକାରୀଙ୍କ ନିଦ ହଜିଯାଇଥିଲା। କିପରି ଦୁଇ ଗ୍ରାମ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ହେବ ସେନେଇ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ଓ ଗଡ଼ିଶାଗୋଦା ଆଇଆଇସି ଦେବାଶିଷ ମିଶ୍ରଙ୍କ ଉଦ୍ୟମରେ ଜାଗୁଳେଇପଦରରୁ ୬ଜଣ ନଈକୂଳପାଟଣାରୁ ୪ଜଣଙ୍କୁ ନେଇ ଏକ ସବ୍‌କମିଟି ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଗଠନ କରାଯାଇଥିଲା। ତେବେ ଶନିବାର ତହସିଲଦାରଙ୍କ କାର୍ଯ୍ୟାଳୟରେ ସବ୍‌କମିଟିର ଏକ ବୈଠକ ତହସିଲଦାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଡିଶାଗୋଦା ଥାନା ଆଇଆଇସି ମିଶ୍ର ଯୋଗଦେଇ ଦୁଇ ଗ୍ରାମରେ ଶାନ୍ତି ବଜାୟ ରଖିବା ପାଇଁ କମିଟି ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ନଦୀ ନିଲାମ ଦିଆଯାଇଥିବାରୁ ଦୟାନଦୀ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ବୋଲି ତହସିଲଦାର ମହାରଣା ସୂଚନା ଦେଇଥିଲେ। ମାର୍ଚ୍ଚ ଶେଷ ସୁଦ୍ଧା ୨ ଗ୍ରାମ ମଧ୍ୟରେ କୌଣସି ବିବାଦ ନ କରିବା ପାଇଁ ସବ୍‌କମିଟିର କର୍ମକର୍ତ୍ତାମାନଙ୍କୁ ତହସିଲଦାର ସଜାଗ ରହିବାକୁ ନିବେଦନ କରିଥିଲେ।

## ଶ୍ରୀମନ୍ଦିରରେ ସଫଳା ଏକାଦଶୀ

**ପୁରୀ ଅଫିସ,୯।୧:** ଶ୍ରୀମନ୍ଦିରରେ ସଫଳା ଏକାଦଶୀ ପାଳିତ ହୋଇଛି। ପୌଷମାସର ଏକାଦଶୀକୁ ଶ୍ରେଷ୍ଠ ଏକାଦଶୀ ହୋଇଥିବା ହେତୁ ଶ୍ରୀମନ୍ଦିରରେ ଆଡ଼ମ୍ବରରେ ନୀତିକାନ୍ତି ପାଳିତ ହୋଇଛି। ସଫଳା ଏକାଦଶୀ ନୀତି ପାଇଁ ସକାଳେ ଘଟୁଆରୀ ରୁପା ପିଙ୍ଗଣରେ ଚନ୍ଦନ, କର୍ପୂର ଓ କସ୍ତୁରୀ ଯୋଗାଯାଇଛି। ରାଜା ସୁପରିଣ୍ଟେଟଣ୍ଡେଣ୍ଟଙ୍କ ତରଫରୁ ଆବଶ୍ୟକୀୟ ଘିଅ, ଚନ୍ଦ୍ରଉଦିଆ, କର୍ପୂର ଓ ବଳିତା ଆସିଥିଲା। ଭଣ୍ଡାରଘରୁ ଭଣ୍ଡାର ମେକାପ ଆଳତି ଦାନୀ, ଘସା ବିଡ଼ିଆ ଓ ଦହିପଟି ଯୋଗାଇଥିଲେ। ପାଳିଆ ଖୁଣ୍ଟିଆ ଶୁକ୍ଳ ଫୁଲ ଆଣିଥିଲେ। ଏହି ନୀତି ୨୨ ଜଣ ପାଳିଆ ସେବକଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ। ସନ୍ଧ୍ୟା ଆଳତି ପରେ ଆଜ୍ଞାମାଳ ପାଇଁ ମଦନମୋହନ ବେଢ଼ାକୁ ବିଜେ କରିଥିଲେ। ଏହାପରେ ତାଙ୍କୁ ବେଢ଼ା ପରିକ୍ରମା କରି ମଙ୍ଗଳା ମନ୍ଦିର ପାଖରେ ପହଞ୍ଚିଥିଲେ। ଏହାପରେ ମହାଜନେ ଠାକୁରଙ୍କୁ ଜୟବିଜୟ ଦ୍ୱାରକୁ ନେଲା ପରେ ବିଧି ମତେ ପାଳିଆ ପଢ଼ିଆରୀ ଜୟବିଜୟ ଦ୍ୱାର ବନ୍ଦ କରିଥିଲେ। ମେକାପ ସେବକ ଖଟଶେଯ ଓ ଆସନ ପକାଇବା ପରେ ଠାକୁର ବିଜେ ହୋଇଥିଲେ। ଏହାପରେ ମଦନ ମୋହନ ଦକ୍ଷିଣୀ ଘରକୁ ବିଜେ ହୋଇଥିଲେ। ଏହା ପରବର୍ତ୍ତୀ ନୀତିକାନ୍ତି ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହୋଇଥିଲା।

# ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟର ସମୀକ୍ଷା

ପୁରୀ ଅଫିସ,୯।୧

ବାଲିଗୁଆଲିଠାରେ ନିର୍ମାଣ ହେଉଥିବା ଶ୍ରୀଜଗନ୍ନାଥ ମେଡିକାଲ କଲେଜର କାର୍ଯ୍ୟ ପ୍ରକ୍ରିୟାର ଶନିବାର ଜିଲାପାଳ ସମର୍ଥ ବର୍ମା ସମୀକ୍ଷା କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ସଭା କରି ମେଡିକାଲ କଲେଜର ଜମି ଅଧିଗ୍ରହଣ ସମେତ ମେଡିକାଲକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟକୁ ତ୍ୱରିତ ବେଗରେ ଶେଷ କରିବା ପାଇଁ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ଘରୋଇ ସଂସ୍ଥା ମେଡିକାଲ ନିର୍ମାଣର ଠିକା ନେଇଥିବା ବେଳେ ଠିକ୍ ସମୟରେ କାର୍ଯ୍ୟ ସମାପନ ହେବ କି ନାହିଁ ସେନେଇ ଜିଲାପାଳ ସମ୍ପୃକ୍ତ ଘରୋଇ ସଂସ୍ଥାର ଅଧିକାରୀମାନଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି ଅବସରରେ ଜିଲାପାଳ କହିଛନ୍ତି, ୬୫୦ ଶଯ୍ୟାବିଶିଷ୍ଟ ଏହି ମେଡିକାଲ କଲେଜ କିଭଳି ଭାବେ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହେବ ଓ ପୁରୀବାସୀ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ ସେନେଇ ଜୋରଦାର ଉଦ୍ୟମ ଚାଲିଛି। ଏଯାବତ୍ ଚାଲିଥିବା କାର୍ଯ୍ୟ ସନ୍ତୋଷଜନକ ବୋଲି ବର୍ମା କହିଛନ୍ତି। ସମୀକ୍ଷା ବେଳେ ଜିଲାପାଳଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର, ମେଡିକାଲ କଲେଜର ନୂଆ ଡିନ୍ ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ସମସ୍ତ ବିଭାଗର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲା ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ସଦର ମୁଖ୍ୟ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ବଢ଼ିପାରେ

ଅନ୍ୟପକ୍ଷେ ପୁରୀ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବଢ଼ାଇବା ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା ହୋଇଛି। ଜନସଂଖ୍ୟା ବଢୁଥିବା ହେତୁ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସୁବିଧାକୁ ନିରବଚ୍ଛିନ୍ନ କରିବା ଆହୁରି ଶଯ୍ୟା ଆବଶ୍ୟକ ହେଉଛି। ନୂଆ ୩ଶହ ଶଯ୍ୟା ବଢ଼ାଇବା ନେଇ ବିଚାର ହେଉଥିବା ସୂଚନା ମିଳିଛି। ଏହାସହ ସଦର ମହକୁମା ମୁଖ୍ୟ ଚିକିତ୍ସାଳୟ ସମ୍ପର୍କିତ ଥିବା ଅନେକ ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଛି।

# ଜମି ବିକ୍ରି ନେଇ ଭାଗଚାଷୀଙ୍କ ଅସନ୍ତୋଷ

କଣାସ,୯।୧(ସ୍ୱ.ପ୍ର.)

### ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

କଣାସ ବ୍ଲକ ଅନ୍ତର୍ଗତ ରାଣୀପଡ଼ା ମୌଜାରେ ଦୀର୍ଘ ବର୍ଷ ଧରି ଭାଗଚାଷୀ ଭାବେ ଜମି ଦଖଲ କରୁଥିବା ଚାଷୀମାନଙ୍କୁ ଜମିମାଲିକ ମୃତ୍ୟୁ ପରେ ତାଙ୍କ ପରିବାର ଅନ୍ୟ ଲୋକଙ୍କୁ ବିକ୍ରି ଉଦ୍ୟମ କରୁଥିବାରୁ ଭାଗଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରିକି ନ୍ୟାୟ ପାଇଁ ଭାଗଚାଷୀମାନେ ଶନିବାର ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡିଛି। ଖବର ଅନୁଯାୟୀ, ପୁରୀ କୁଣ୍ଡେଇବେଣ୍ଟ ସାହିର ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ କଣାସ ବ୍ଲକ ଅନ୍ତର୍ଗତ ଗାଉପଡ଼ା, ରାଣୀପଡ଼ା, କାତପଡ଼ା, ମାନପୁର ଗ୍ରାମରେ ପ୍ରାୟ ୨୦ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁର ୫ବର୍ଷ ପରେ ତାଙ୍କ ଝିଅମାନେ ଭାଗଚାଷ ଧରିଥିବା ଚାଷୀଙ୍କୁ ନ ଜଣାଇ ଅନ୍ୟ ଲୋକମାନଙ୍କୁ ଚାଷ ଜମି ବିକ୍ରି ପାଇଁ ଉଦ୍ୟମ କରୁଥିଲେ। ଏହି କଥା ଭାଗଚାଷ କରୁଥିବା ଚାଷୀମାନେ ଜାଣିବା ପରେ ଏହାକୁ ବିରୋଧ କରିଥିଲେ। ୧୦ଏକର ଜମିକୁ ଦୁର୍ଯ୍ୟୋଧନ ସାମନ୍ତରାୟ, ରଙ୍କନିଧି ନାୟକ, ନବକିଶୋର ନାୟକ, ଭାବଗ୍ରାହୀ ନାୟକ, ହରିହର ମହାରଣା, ବିପିନ ସାମନ୍ତରାୟ, ବ୍ରିତି ଭୂଷଣ ସାମନ୍ତରାୟ, ପଞ୍ଚୁ ସାମନ୍ତରାୟ ପ୍ରମୁଖ ଦୀର୍ଘ ବର୍ଷ ହେଲା ଭାଗଚାଷ କରିଆସୁଛନ୍ତି। ଏପରି କି ସେମାନେ ଉକ୍ତ ଜମିର ପାଉତି କାଟୁଥିବା ଜଣାପଡିଛି। ହେଲେ ଏମାନଙ୍କୁ ନ ଜଣାଇ ଅନ୍ୟ ଲୋକଙ୍କୁ ଜମି ବିକ୍ରି କରୁଥିବାରୁ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଫଳରେ ଏହି ଭାଗଚାଷୀମାନେ ଭାଗଚାଷ ସମ୍ପର୍କରେ ନ୍ୟାୟ ପାଇବା ପାଇଁ ପୁରୀ ଜିଲାପାଳ, କଣାସ ତହସିଲଦାର, କଣାସ ସବ୍‌ରେଜିଷ୍ଟ୍ରାର, ଆଇଆଇସି କଣାସଙ୍କୁ ଦାବିପତ୍ର ଦେଇଛନ୍ତି।

# ଶୁଖିଲା ପଡ଼ିଛି ଦୟା, ଚିନ୍ତାରେ ଚାଷୀ

କଣାସ, ୯।୧(ସ୍ୱ.ପ୍ର.)

କଣାସ ଅଞ୍ଚଳର ଦୟା ନଦୀ ବର୍ଷାଋତୁରେ ଫୁଲିଉଠେ ଆଉ ବନ୍ୟାବେଳେ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଥାଏ। ଏହି ନଦୀ ଏବେ ଏକପ୍ରକାର ଅସ୍ତିତ୍ୱ ହରାଇବାକୁ ବସିଛି। ଫଳରେ ଅଞ୍ଚଳବାସୀ ଚିନ୍ତିତ ହୋଇପଡ଼ିଛନ୍ତି।

କୁଆଖାଇ ନଦୀର ଅନ୍ୟତମ ଶାଖା ହେଉଛି ଦୟା। ଖୋର୍ଦ୍ଧା ଜିଲା ବାଲକାଟୀ ନିକଟ ସରଦେଇପୁରଠାରେ ଏହା କୁଆଖାଇରୁ ବାହାରି ଧଉଳି, ଟିରିମଲ୍ଲ, ଘୋରଡ଼ିଆ, କଣାସ, ଗଡ଼ିଶାଗୋଦା ପ୍ରଭୃତି ଦେଇ ୬୦କି.ମି ଅତିକ୍ରମ କରି ଚିଲିକାରେ ମିଶିଛି। ଟିରିମଲ୍ଲଠାରେ ଦୟାରୁ ବାହାରିଥିବା ଶାଖା ନଦୀ ରାଜୁଆ ଚିରସ୍ରୋତା ହୋଇଥିବାବେଳେ ସେଠାରୁ ବାହାରି ଥିବା ଦୟା ନଦୀ ଗଡ଼ବଳଭଦ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୨୫ କି.ମି. ପଟୁମାଟିରେ ପୋତି ହୋଇପଡ଼ିଛି। ଫଳରେ ବର୍ଷର ୮ମାସ ଦୟା ଶୁଖିଲା ପଡୁଥିବାବେଳେ ରାଜୁଆରେ ବର୍ଷତମାମ ଜଳ ପ୍ରବାହିତ ହେଉଛି। ଦୟା ନଦୀ ଶୁଖିଯାଉଥିବାରୁ ଏହାର ତଟବର୍ତ୍ତୀ ଅଞ୍ଚଳ ଜଟଣୀ, ଡେଲାଙ୍ଗ, କଣାସ ବ୍ଲକର ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷୀମାନେ ଜଳାଭାବ ସମସ୍ୟା ଭୋଗୁଛନ୍ତି। ନଦୀର ଦୁଇପାର୍ଶ୍ୱରେ ଚାଷ ହେଉଥିବା ଫସଲ ଅମଳ କରିବାରେ ହଇରାଣ ହେବାକୁ ପଡୁଛି। ସରକାର ବର୍ଷା ଓ ବନ୍ୟାଜଳ ନିଷ୍କାସନ ପାଇଁ ଚିଲିକାକୁ ସଂଯୋଗ କରୁଥିବା ନଦୀ ମୁହାଣଗୁଡ଼ିକୁ ଖନନ କରିଥିବା ବେଳେ ବର୍ତ୍ତମାନ ଏଗୁଡ଼ିକ ଧୀରେ ଧୀରେ ପୋତି ହୋଇପଡୁଛି। ଏଥିଯୋଗୁ ଆଗାମୀ ଦିନରେ ଦୟା ନଦୀ ଅସ୍ତିତ୍ୱ ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ନଦୀଶଯ୍ୟା ଖନନ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ପକ୍ଷୀ ସୁରକ୍ଷା, ପ୍ରକୃତି ରକ୍ଷା ବାର୍ତ୍ତା ନେଇ ସଚେତନ

କଣାସ,୯।୧(ସ୍ୱ.ପ୍ର.)

ଚିଲିକାକୁ ବିଦେଶାଗତ ପକ୍ଷୀଙ୍କର ଆଗମନ ଦ୍ୱାରା ଆମର ପ୍ରକୃତିର ସୌନ୍ଦର୍ଯ୍ୟର ବୃଦ୍ଧି ପାଇଁ ଓଡ଼ିଶାକୁ ଶୋଭାମଣ୍ଡିତ କରିପାରିବ। ହେଲେ କେତେଜଣ ଖଳପ୍ରକୃତିର ଲୋକଙ୍କ ଦ୍ୱାରା ଚିଲିକା ନାଶିରେ ଅବସ୍ଥିତ କଣାସ ଅଞ୍ଚଳରେ ବିଦେଶାଗତ ପକ୍ଷୀମାନଙ୍କୁ ଶିକାର କରାଯାଉଛି। ତେବେ ଏହାକୁ ରୋକିବା ଓ ପକ୍ଷୀ ସୁରକ୍ଷା ପ୍ରକୃତି ରକ୍ଷା ବାର୍ତ୍ତା ନେଇ ଶନିବାର ପ୍ରକୃତିପ୍ରେମୀ ଆଇନଜୀବୀ ହୃଷୀକେଶ ପାଢ଼ୀ ଡେଲାଙ୍ଗରୁ କଣାସ ଅଞ୍ଚଳ ପର୍ଯ୍ୟନ୍ତ ସଚେତନତା ଯାତ୍ରା କରିଥିଲେ। ତୃତୀୟ ଜାତୀୟ ଚିଲିକା ପକ୍ଷୀ ସୁରକ୍ଷା ଉତ୍ସବ ଜାନୁୟାରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ବେଳେ 'ମୋ ଡେଲାଙ୍ଗ-ସବୁଜ ଡେଲାଙ୍ଗ'ର ବାର୍ତ୍ତା ନେଇ ପ୍ରକୃତିପ୍ରେମୀ ହୃଷୀକେଶ ଶନିବାର ଡେଲାଙ୍ଗରୁ ସଚେତନତା ଯାତ୍ରା ଆରମ୍ଭ କରିଥିଲେ। ଡେଲାଙ୍ଗର ବେରବୋଇଠାରୁ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କେ.ପାର୍ଥସାରଥି ଦ୍ୱାରା ଏହି ଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ସଚେତନତା ଯାତ୍ରା ଡେଲାଙ୍ଗ ହାଟବଜାର, ବାୟାବଜାର, କଲ୍ୟାଣପୁର, ତ୍ରିଲୋଚନପୁର, କଣାସର କୁଶେଶ୍ୱରୀ ବଜାର, ବସ୍‌ଷ୍ଟାଣ୍ଡ ବଜାର, ଗୋଲାବଜାର, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, କଣାସ ଓ ସରାକରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାଲିପାଟଣାଠାରେ ପହଞ୍ଚି ସଚେତନତାର ବାର୍ତ୍ତା ଦେଇଥିଲେ। ହୃଷୀକେଶ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସାହୁଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

## ଦଶବାଟିଆ- ଅଚ୍ୟୁତପୁର ରାସ୍ତା ଶୋଚନୀୟ

ଗୋପ,୯।୧(ଡି.ଏନ୍.ଏ)

ଗୋପ ବ୍ଲକ ଅଧୀନ କୋଣାର୍କ ମୁଖ୍ୟରାସ୍ତାର ଦଶବାଟିଆ- ଅଚ୍ୟୁତପୁର ରାସ୍ତାଟି ଦୀର୍ଘ ବର୍ଷ ଧରି କାମ ନ ହେଇ ପାରି ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତାରେ ନିର୍ଭର କରୁଥିବା ୪ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ସୂଚନାଯୋଗ୍ୟ, କୋଣାର୍କ ମୁଖ୍ୟ ରାସ୍ତାଠାରୁ ଦଶବାଟିଆ-ଅଚ୍ୟୁତପୁର ୩ କିଲୋମିଟର ରାସ୍ତାଟି ଦୟନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଗୋପ ବ୍ଲକର ଅଚ୍ୟୁତପୁର, ସୁମନ, ବଡତରା, ତରକୋର ପଞ୍ଚାୟତ ଅଧୀନ ୪୦ ଗାଁର ୧୦ ହଜାର ଲୋକ ଯିବାଆସିବା କରୁଛନ୍ତି। କିନ୍ତୁ ରାସ୍ତା ଖରାପ ହେବା ସହ ଗୋଡି, ବାଲି ଉଠିଥିବାରୁ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ୍ କରାଯାଇ ରାସ୍ତା ନିର୍ମାଣ କରାଯିବ ବୋଲି ପଞ୍ଚାୟତ ବୈଠକ, ଜିଲା ପରିଷଦ ବୈଠକରେ ଗୃହୀତ ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ହୋଇ ପାରି ନାହିଁ। ଫଳରେ ଦୀର୍ଘଦିନ ଧରି ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଚ୍ୟୁତପୁର ସରପଞ୍ଚ ଭକ୍ତ ବଲ୍ଲଭ ଦାଶ ବିଧାୟକ, ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ସରପଞ୍ଚ ଭକ୍ତ ବଲ୍ଲଭ ଦାଶ କହିଛନ୍ତି, ଏହି ରାସ୍ତା ପାଇଁ ବିଧାୟକଠାରୁ ଆରମ୍ଭ କରି ପ୍ରଶାସନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ସରକାର ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମନ୍ୱୟ ଅଭାବ ଯୋଗୁ ରାସ୍ତା ନିର୍ମାଣରେ ବାଧା ଉପୁଜୁଥିବା ସେ କହିଛନ୍ତି।



ଦୟନୀୟ ହୋଇଥିବା ଦଶବାଟିଆ- ଅଚ୍ୟୁତପୁର ରାସ୍ତା।

# ଭାରତରେ ସମ୍ବିଧାନର ମୂଲ୍ୟବୋଧ ହ୍ରାସ ହୋଇଛି



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ପୁରୀ ଅଫିସ,୯।୧

ପୁରୀ ଭିଆଇପି ରୋଡସ୍ଥିତ ଇନ୍ଦିରାଭବନଠାରେ ଶନିବାର 'ଆମ ସମ୍ବିଧାନ ଏବେ କେତେ ସୁରକ୍ଷିତ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସର ଜିଲା ସଭାପତି ଅଜିତ୍ ମଙ୍ଗରାଜ କହିଛନ୍ତି, ଭାଜପା ଶାସନାଧୀନ ଭାରତରେ ସମ୍ବିଧାନର ମୂଲ୍ୟବୋଧ ବ୍ୟାପକ ଭାବେ ହ୍ରାସ ହୋଇଛି। ଧର୍ମ ରାଜନୀତିର ଅଳନ୍ଧୁ ମଧ୍ୟରେ ରହି ଭାଜପା ସର୍ବଦା ସମ୍ବିଧାନର ମୂଲ୍ୟବୋଧକୁ ନଷ୍ଟ କରିଛି। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ଭାରତର ସମ୍ବିଧାନ ତିଆରି ବେଳେ ଯେଉଁ ମୂଳତତ୍ତ୍ୱ ଉପରେ ଜୋର ଦିଆଯାଇଥିଲା, ତାହା ଉପରେ ଭାଜପା ପ୍ରହାର କରୁଛି। ବିଡ଼ମ୍ବନାର ବିଷୟ ଦେଶ ଏବେ ଭିନ୍ନ ଦିଗରେ ଗତି କରୁଛି, ଯାହା ନିହାତି ପକ୍ଷେ ଅଗଣତାନ୍ତ୍ରିକ। ଏଣୁ ପ୍ରତିଟି କଂଗ୍ରେସ କର୍ମୀ ଏକଜୁଟ ହୋଇ ଭାଜପାକୁ ଉଚିତ ଜବାବ ଦିଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଜିଲା କଂଗ୍ରେସ ଆଇନ ସେଲ୍ ସଭାପତି କାଳୀପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଶରତ ଚନ୍ଦ୍ର ମିଶ୍ର ଓ ପ୍ରତାପ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରେନ୍ ନିର୍ମାଣରେ ଅନିୟମିତତା ଅଭିଯୋଗ

କୋଣାର୍କ,୯।୧(ଡି.ଏନ୍.ଏ.)

କୋଣାର୍କ ଏନ୍ଏସି ପକ୍ଷରୁ ୮ନଂ. ୱାର୍ଡ ଅନ୍ତର୍ଗତ ଚନ୍ଦ୍ରଭାଗା ତେଲୁଗୁ ବସ୍ତିରେ ନିର୍ମାଣାଧୀନ ଡ୍ରେନ୍ କାର୍ଯ୍ୟରେ ଅନିୟମିତତା ଏବଂ ବିଳମ୍ବ ଯୋଗୁ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ତେଲୁଗୁ ବସ୍ତିରୁ ବର୍ଷାଜଳ ନିଷ୍କାସନ ପାଇଁ କୋଣାର୍କ ଏନ୍ଏସି ପକ୍ଷରୁ ୪୬୨ମିଟର ଡ୍ରେନ୍ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ପାଇଁ ଜଣେ ଠିକାଦାରଙ୍କୁ ଗତ ଫେବୃୟାରୀରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟ ଶେଷ ହେବାର ଅବଧି ୩ମାସ ରହିଥିବା ବେଳେ ଏ ପର୍ଯ୍ୟନ୍ତ ସରିନାହିଁ। ନିର୍ମାଣ କାର୍ଯ୍ୟରେ ସିମେଣ୍ଟ, ଲୁଣି ବାଲି, ନିମ୍ନମାନର ଲୁହାଛଡ଼ ଓ କମ ମାନର ଚିପ୍‌ସ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏଥିସହ କାର୍ଯ୍ୟ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହି କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଜିଲାପାଳ, ଏନ୍ଏସି ଦାୟିତ୍ୱରେ ଥିବା ପ୍ରଶାସକ ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି। ଅନ୍ୟପଟେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଚାଲିଛି ବୋଲି ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର କହିଛନ୍ତି।

# ଗ୍ରାମୀଣ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ସାକ୍ଷୀଗୋପାଳ,୯।୧(ଡି.ଏନ୍.ଏ.)

ଗରିବ ଓ ଅସହାୟ ଲୋକଙ୍କୁ ବିନା ମୂଲ୍ୟରେ ଆଇନ ସହାୟତା ଓ ପରାମର୍ଶ ଯୋଗାଇ ଦେବା ଲକ୍ଷ୍ୟରେ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଗ୍ରାମୀଣ ଆଇନ ସହାୟତା କେନ୍ଦ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ପୁରୀ ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିଦ୍ୟୁତ୍ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରରେ ଉପଲବ୍ଧ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ସିଭିଲକୋର୍ଟ ରେଜିଷ୍ଟ୍ରାର ଅରୁଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ବିଡିଓ କ୍ଷୀରୋଦ କୁମାର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ ଓ ଧ୍ରୁବଚରଣ ଦାଶ, ସତ୍ୟବାଦୀ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟବାଦୀ ଆଇନ ସହାୟତା କେନ୍ଦ୍ରର ପାରାଲିଗାଲ ସ୍ୱେଚ୍ଛାସେବୀ ସ୍ମୃତିଶ୍ରୀ ମୋନାଲିସା ପ୍ରଧାନ, ସସ୍ମିତ ମହାପାତ୍ର ଓ ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ଭଗବାନ ରଥ, ସନ୍ତୋଷ କୁମାର ବେହେରା ଓ ରବୀନ୍ଦ୍ରନାଥ ଦାଶଙ୍କ ସହ ସରପଞ୍ଚ ପ୍ରକାଶ ଖଟେଇ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିରେ ଯୋଗଦେଲେ ୪୨ ପରିବାର

ସାକ୍ଷୀଗୋପାଳ,୯।୧(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ କେତକୀପାଟଣା ପଞ୍ଚାୟତ ଅନ୍ତର୍ଗତ ବଡତୋଟା ଗ୍ରାମର ୪୨ଟି ପରିବାର ସଦସ୍ୟ ଶନିବାର ବିଜେଡିରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଜଳସେଚନ ଡାକବଙ୍ଗଳାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସମାନ୍ତରାୟ ଗ୍ରାମବାସୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସେମାନଙ୍କ ସାମୂହିକ ଉନ୍ନୟନ ଏବଂ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ କଗ୍ରେଂସ ଓ ଭାଜପାରେ ଥିବା ଗ୍ରାମବାସୀ ବିଜେଡିରେ ସାମିଲ ହୋଇଥିବା ବିଜେଡିର ପଞ୍ଚାୟତ ସଭାପତି ପ୍ରଭାକର ମହାପାତ୍ର କହିଛନ୍ତି। ଏଥିରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ ଜେନା, ବ୍ଲକ ସଭାପତି ପ୍ରମୋଦ ରାଉତରାୟ, ରାମଚନ୍ଦ୍ର ମହାନ୍ତି, ବେଣୁଧର ବରାଳ ପ୍ରମୁଖ ଉପସ୍ଥିତ ରହିଥିଲେ।



ବିଜେଡିରେ ଯୋଗ ଦେଇଥିବା ନୂତନ ସଦସ୍ୟଗଣ।

# ପ୍ରତି ସାହି ପାଇଁ କମିଟି ଗଠନ ହେବ

ପୁରୀ ଅଫିସ,୯।୧

**ଆମ ପୋଲିସ ବୈଠକ**
- କମିଟିକୁ ନେଇ ହ୍ୱାଟ୍ସଆପ୍ ଗ୍ରୁପ୍ ହେବ
- ମାସକୁ ଥରେ ବୈଠକ
- ବରିଷ୍ଠଙ୍କୁ ଘରେ ସେବା ଯୋଗାଇବ ପୋଲିସ

ପୁରୀ ସ୍ଥିତ ଏକ ଘରୋଇ ମଣ୍ଡପରେ ଶନିବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତ୍ୱକୁ କମାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସହରରେ ଅପରାଧକୁ ସମ୍ପୂର୍ଣ୍ଣ ରୋକାଯିବା ଓ ବ୍ରାଉନ୍‌ସୁଗାର ବିକ୍ରି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କର ୫-ଟି ବ୍ୟବସ୍ଥା ଲାଗୁ ହେବା ପରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧାରଣ ଲୋକଙ୍କ ସହ ଉତ୍ତମ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ମିଳିଛି। ଏହି ନିର୍ଦ୍ଦେଶ କିଭଳି ଭାବେ କାର୍ଯ୍ୟକାରୀ ହେବ ଓ ସାଧାରଣ ଲୋକେ ପୋଲିସକୁ ସୁରକ୍ଷାର ଏକ ମାଧ୍ୟମ ବୋଲି ଭାବିବେ ସେନେଇ ଆଲୋଚନା ହୋଇଥିଲା। ପ୍ରତି ସାହିରେ ଏକ କମିଟି ଗଠନ ଉପରେ ବୈଠକରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କମିଟିକୁ ନେଇ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ ହେବ। ଆଇଆଇସି ଓ ଅନ୍ୟ ଅଧିକାରୀମାନେ ଏହି ଗ୍ରୁପରେ ରହିବେ। ସାହିରେ ହେଉଥିବା ସମସ୍ୟାର ତୁରନ୍ତ ସମାଧାନ ଓ ଅଭିଯୋଗ ଗ୍ରହଣ ପାଇଁ ଏହି ଗ୍ରୁପକୁ ବ୍ୟବହାର କରାଯିବ। ମାସକୁ ଥରେ ସାହି କମିଟିର ବୈଠକ ହେବ। ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଅଭିଯୋଗ ଦାଖଲ କରିବା ପାଇଁ ବ୍ୟକ୍ତିଗତ ଭାବେ ଥାନାକୁ ଆସିବାକୁ ପଡ଼ିବ ନାହିଁ। ଉକ୍ତ ଥାନାର ଅଧିକାରୀମାନେ ଘରେ ପହଞ୍ଚି ଅଭିଯୋଗ ଗ୍ରହଣ କରିବେ। ତେବେ ବରିଷ୍ଠ ନାଗରିକମାନେ ସିଧାସଳଖ ଏସ୍‌ପିଙ୍କୁ ୯୪୩୮୯୧୬୩୨୦ ନମ୍ବରରେ ଯୋଗାଯୋଗ କରିପାରିବେ। ଏହି ବୈଠକରେ ଅତିରିକ୍ତ ଏସ୍‌ପି ସନ୍ତୋଷ କୁମାର ଓ ଅରୁଣ କୁମାର ଜେନା, ସିଟି ଡିଏସ୍‌ପି କ୍ଷୀରସାଗର ନାୟକ, ବିଭିନ୍ନ ଥାନାର ଆଇଆଇସି ଉପସ୍ଥିତ ଥିଲେ।



ଆମ ପୋଲିସ ବୈଠକରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୯।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଟିଏମ୍‌ସି ରୋଡ୍ ଅଞ୍ଚଳର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଆଦର୍ଶ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଅଞ୍ଚଳର କାଶୀନାଥ ବାରିକ। ସୂଚନା ମୁତାବକ, କାଶୀନାଥ ଝିଅ ବାହାଘର ପାଇଁ ପଡ଼ିଶା ଘରେ ରହୁଥିବା ଜଣେ ମହିଳାଙ୍କଠାରୁ ଟଙ୍କା ଧାର ଆଣିଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ ଧାର ଟଙ୍କା ଶୁଝି ପାରି ନ ଥିଲେ। ପରେ କାଶୀନାଥ ରହୁଥିବା ସରକାରୀ ଜାଗାରୁ ଧାର ଟଙ୍କା ବଦଳରେ ଚୁକ୍ତିପତ୍ର କରି କିଛି ଜାଗା ମହିଳାଙ୍କୁ ଦେଇଥିଲେ। ସମ୍ପୃକ୍ତ ମହିଳା ଉକ୍ତ ଜାଗାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ଅଭିଯୁକ୍ତ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୯/୨୧)ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ନାରାୟଣ ସଭାପତି, ବିକ୍ରମ ସମ୍ପାଦକ ନିର୍ବାଚିତ

**ଖୋର୍ଦ୍ଧା ଅଫିସ,୯।୧:** ଖୋର୍ଦ୍ଧା ଜିଲା ପୋଲିସ ହାବିଲଦାର କନଷ୍ଟେବଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାରାୟଣ ନାୟକ ୩୨୨ରୁ ୧୭୮ଖଣ୍ଡ ଭୋଟ ପାଇ ସଭାପତିଭାବେ ନିର୍ବାଚିତ ହୋଇଥିବା ବେଳେ ବିକ୍ରମ ବିଶ୍ୱାଳ ୧୭୧ଖଣ୍ଡ ଭୋଟ ପାଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଅହମଦ୍ ଅଲ୍ଲିଖାଁ, କୋଷାଧ୍ୟକ୍ଷ ସଞ୍ଜୟ ସେନାପତି, ସହ ସମ୍ପାଦକ ଭାବେ ମନୋରଞ୍ଜନ ବେହେରା ଓ ସୁମନ୍ତ ଚମ୍ପତିରାୟ ନିର୍ବାଚିତ ହୋଇଥିବା ବେଳେ ସଭ୍ୟଭାବେ ମମତା ବେହେରା, ପ୍ରଭାକର ବେହେରା, ନିଲୁ ଚରଣ ମଲ୍ଲିକ, ବିଭୂତି ବେହେରା ଓ ଶ୍ରୀନିବାସ ବାରିକ ମନୋନୀତ ହୋଇଛନ୍ତି।

### ଗ୍ରାମ୍ୟ ପାଇପ୍ ଜଳଯୋଗାଣ କର୍ମଚାରୀ ସଂଘର ବୈଠକ

**ନିରାକାରପୁର,୯।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କାଶିପୁରସ୍ଥିତ ମା’ ଭୈରବୀଙ୍କ ପୀଠରେ ଶନିବାର ୨୬ପଞ୍ଚାୟତର ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରମୋଦ କୁମାର ବଳିୟାରସିଂହଙ୍କ ଆବାହକତ୍ୱରେ ଉକ୍ତ ବୈଠକରେ ତପସ୍ୱିନୀ ଜେନା, ଭଗବାନ ପ୍ରଧାନ, ଦୀପ୍ତି ରଞ୍ଜନ ଭୁଜବଳ, ସ୍ୱାଧୀନ ପ୍ରଧାନଙ୍କ ସମେତ ୩୦ଜଣ କର୍ମଚାରୀ ଉପସ୍ଥିତ ରହି ବେତନ ବୃଦ୍ଧି ନିମନ୍ତେ କିପରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। କର୍ମଚାରୀମାନେ ପାଉଥିବା ସ୍ୱଳ୍ପ ବେତନରେ ନିଜର ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇପଡୁଛି। ବେତନ ବୃଦ୍ଧି କରିବା ପାଇଁ ସରକାରଙ୍କୁ କିପରି ଦାବି କରାଯିବ ସେ ନେଇ ବୈଠକରେ ମତପ୍ରକାଶ ପାଇଥିଲା।

### ଚନ୍ଦକାରେ ପକ୍ଷୀ ଗଣନା ଆରମ୍ଭ

**ବାରଙ୍ଗ,୯।୧(ଡି.ଏନ୍.ଏ.):** ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଶନିବାର ଆରମ୍ଭ ହୋଇଛି ପକ୍ଷୀ ଗଣନା। ଭୁବନେଶ୍ୱର, ହଳଦିଆ, ଚନ୍ଦକା ଓ ଡମପଡ଼ାର ୪ଟି ରେଞ୍ଜକୁ ନେଇ ପକ୍ଷୀ ଗଣନା ହେବ। ଏହି ପକ୍ଷୀ ଗଣନା କାର୍ଯ୍ୟରେ ୬୫ଜଣିଆ ସଦସ୍ୟଙ୍କୁ ନେଇ ୧୩ ଜଣିଆ ଟିମ୍ ଗଠିତ ହୋଇଛି। ଏହି ଟିମ୍ ଅଭୟାରଣ୍ୟର ଆର୍ଦ୍ରଅଞ୍ଚଳକୁ ଯାଇ ବାଇନାକୁଲର ମାଧମରେ ପକ୍ଷୀମାନଙ୍କୁ ଚିହ୍ନଟ କରୁଛନ୍ତି। ଏହି ଟିମ୍ ମୁଖ୍ୟତଃ ଝୁମୁକା, ଡେରାସ, ଅମ୍ବିଲୋ, କୁମାରଖୁଣ୍ଟି, ବାରଙ୍ଗର ପୁରୀ ମେନ୍ କେନାଲ ଅଞ୍ଚଳକୁ ଯାଇ ପକ୍ଷୀଗଣନା ଆରମ୍ଭ କରିଛନ୍ତି।

### ଦୋକାନରୁ ଚୋରି: ଅଭିଯୁକ୍ତ ଗିରଫ

**ଯାଁଳା,୯।୧(ଡି.ଏନ୍.ଏ.):** ଜଟଣୀ ଥାନା ଅଧୀନ ଯାଁଳା ବଜାରରେ ଥିବା ପ୍ରଜ୍ଞାରଞ୍ଜନ ପଟ୍ଟନାୟକଙ୍କ ଦୋକାନରୁ ଚୋରି କରିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଛତାବର ପଞ୍ଚାୟତ ଅଞ୍ଚଳର ପ୍ରକାଶ ବରାଳ। ସୂଚନା ମୁତାବକ, ଯାଁଳା ବଜାରରେ ପ୍ରଜ୍ଞାରଞ୍ଜନଙ୍କ ଏକ ଗ୍ରସେରି ଦୋକାନ ରହିଛି। ଗତ ସେପ୍ଟେମ୍ବର ୨୫ରେ ଦୁର୍ବୃତ୍ତମାନେ ଦୋକାନ ଘର ଆଜବେଷ୍ଟସ ଉଠାଇ ସାମଗ୍ରୀ ଓ ଟଙ୍କା ନେଇଯାଇଥିଲେ। ଏନେଇ ପ୍ରଜ୍ଞାରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୩୬୬/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

# ଜେଲରେ ବାହୁସ୍ଫୋଟ ମାରି ଧରାପଡ଼ିଲେ ମୁଖ୍ୟ ଅଭିଯୁକ୍ତ

**ନୟାପଲ୍ଲୀ ତୁଳସୀ ଦେଇ ହତ୍ୟା ମାମଲାର ପର୍ଦ୍ଦାଫାଶ**

- କଏଦୀଙ୍କୁ ହତ୍ୟା ଓ ଅପରାଧ କଥା କହି ଫସିଲେ
- ନାରାୟଣଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା
- ଗିରଫ ହେଲେ ଆଉଜଣେ ଅଭିଯୁକ୍ତ, ଟାର୍ଗେଟରେ ବାନ୍ଧବୀ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଲକ୍‌ଡାଉନ୍ ସମୟରେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଲୁଟ୍ ପାଇଁ ତୁଳସୀ ଦେଇ ନାମକ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିଲା। ୫ ମାସ ପରେ ଏହି ହୃଦୟବିଦାରକ ଘଟଣାର ମୁଖ୍ୟ ଅଭିଯୁକ୍ତ ଧରାପଡିଛନ୍ତି। ସେ ଅନ୍ୟ ଏକ ଲୁଟ୍ ଘଟଣାରେ ଜେଲରେ ଥିବାବେଳେ କଏଦୀଙ୍କୁ ଉକ୍ତ ଲୁଟ୍ ଓ ହତ୍ୟା କିପରି ଘଟାଇଥିଲେ କହି ଫସି ଯାଇଛନ୍ତି। ସେ ହେଲେ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ପୋଲସରା ଅଞ୍ଚଳର ନାରାୟଣ ମହାନ୍ତି। ଏକଥା କମିଶନରେଟ ପୋଲିସର କାନକୁ ଆସିବା ପରେ ଘଟଣାର ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ଶନିବାର ଏହି ଘଟଣାରେ ସମ୍ପୃକ୍ତ ସହଯୋଗୀ ସାଗର ପ୍ରଧାନ ଓରଫ ବାବୁଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ତାଙ୍କୁ ପଚରାଉଚରା ପରେ ମୁଖ୍ୟ ଅଭିଯୁକ୍ତ ନାରାୟଣଙ୍କ ଅପରାଧ ସମ୍ପର୍କରେ ବହୁ ଚାଞ୍ଚଲ୍ୟକର ତଥ୍ୟ ପାଇଛି। ତାଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୫ରୁ ଅଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି। ଉଭୟ ମିଳିତ ଭାବେ ସୁନା ଅଳଙ୍କାର ଲୁଟ୍ କରୁଥିଲେ ଓ ଏମାନଙ୍କର ଅନ୍ୟ କେଉଁ କେଉଁ ଘଟଣାରେ ସମ୍ପୃକ୍ତି ରହିଛି ତାହା ଜାଣିବାକୁ ନାରାୟଣଙ୍କୁ ଶନିବାରଠାରୁ ୨ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଛି ପୋଲିସ। ନାରାୟଣଙ୍କ ଆପରାଧିକ ସାମ୍ରାଜ୍ୟରେ ତାଙ୍କ ବାନ୍ଧବୀଙ୍କ ସମ୍ପୃକ୍ତି ଥିବା ଜାଣିବା ପରେ ପୋଲିସ ତାଙ୍କୁ ଟାର୍ଗେଟ କରିଥିବା ସୂଚନା ମିଳିଛି।

ଗତବର୍ଷ ଜୁଲାଇ ୨୬ ସକାଳ ପ୍ରାୟ ୯ଟାରେ ଅଭିଯୁକ୍ତମାନେ ନୟାପଲ୍ଲୀସ୍ଥିତ ଏନ୍-୪ /୨୬୩ରେ ରହୁଥିବା ତୁଳସୀ (୭୦)ଙ୍କ ଘରେ ପଶି ଲୁଟ୍ କରିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଏକ କଟୁରିରେ ତୁଳସୀଙ୍କ ମୁଣ୍ଡକୁ ବାରମ୍ବାର ହାଣିବା ସହ କାନ କାଟି ପିନ୍ଧିଥିବା ୧୦ ଭରିର ସୁନାଚେନ ଓ କାନଫୁଲ ଲୁଟିଥିଲେ। ଗୁରୁତର ଆହତ ତୁଳସୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଖାନାରେ ୫ଦିନ ଧରି ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ଆଖି ବୁଜିଥିଲେ। ଏହି ଘଟଣା ସେତେବେଳେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଘଟଣା ପରେ ମଧ ଅଭିଯୁକ୍ତମାନେ ସହରରେ ବୁଲି ଲୁଟ୍‌ପାଟ୍ କରୁଥିଲେ। ଅଗଷ୍ଟ ୮ରେ ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ଛିନ୍‌ତାଇ ଘଟଣାରେ ଅଭିଯୁକ୍ତ ନାରାୟଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ ମଧ ଉକ୍ତ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପୋଲିସ ପୋଲିସ ଜାଣିପାରି ନ ଥିଲା।

**ଲୁଟ୍ ଗହଣାରେ ବାନ୍ଧବୀଙ୍କୁ ଖୁସି କରୁଥିଲେ**

ନାରାୟଣ ଓ ସହଯୋଗୀ ସାଗର ମିଳିମିଶି ସହର ସାରା ଲୁଟ୍‌ପାଟ କରିବା ସହ ଆତଙ୍କ ଖେଳାଉଥିଲେ। ଏକାକୀ ଯାଉଥିବା ବା ରହୁଥିବା ମହିଳାଙ୍କୁ ଏମାନେ ଟାର୍ଗେଟ୍ କରୁଥିଲେ। ପ୍ରଥମେ ଧମକାଇ ସୁନା ଗହଣା ଦେବାକୁ କହୁଥିଲେ। ନ ମିଳିଲେ ହତ୍ୟା କରିବାକୁ ପଛାଉ ନ ଥିଲେ। ଉଭୟ ଲୁଟ୍ ସୁନା ଗହଣା ଓ ଟଙ୍କାରେ ମଉଜମସ୍ତି କରୁଥିଲେ। କଏଦୀଙ୍କ ଆଗରେ ଗର୍ବରେ ଏସବୁ କହି ବାହୁସ୍ଫୋଟ ମାରୁଥିଲେ। ଏମିତିକି ତାଙ୍କ ପ୍ରେମିକାଙ୍କର ମଧ ଏସବୁ କଳା କାରନାମାରେ ସମ୍ପୃକ୍ତି ଥିବା ସେ କହିଥିଲେ। କିଛି ଘଟଣାରେ ଉଭୟ ପ୍ରେମୀଯୁଗଳ ଲୋକଙ୍କୁ ଲୁଟ୍ ମଧ କରିଥିଲେ। ଏପଟେ ସହଯୋଗୀ ସାଗରଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଆଉକିଛି କଥା ଜଣାପଡିଥିଲା। ଲୁଟ୍ ସୁନା ଉଭୟଙ୍କ ମଧ୍ୟରେ ଅଧା ଅଧା ହେଉଥିଲା। ତେବେ ସୁନା ଅଳଙ୍କାର ନିଜ ବାନ୍ଧବୀଙ୍କୁ ଦେଇ ଖୁସି କରୁଥିଲେ ନାରାୟଣ। ନୟାପଲ୍ଲୀରେ ବୃଦ୍ଧାଙ୍କୁ କଟୁରୀରେ ହାଣି ସୁନା ଗହଣା ଲୁଟ୍ ପରେ ତାହାକୁ ମଧ ନିଜ ବାନ୍ଧବୀଙ୍କୁ ଦେଇଥିଲେ ନାରାୟଣ।

# ସାମୂହିକ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ମହାସଂଘ

ବାଲୁଗାଁ/କୃଷ୍ଣପ୍ରସାଦ,୯।୧ (ଡି.ଏନ୍.ଏ.)

ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲା ଅଧୀନ ୧୪୫ଗ୍ରାମର ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଚିଲିକାରେ ମାଛ ମାରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ମତ୍ସ୍ୟଜୀବୀ ଚିଲିକାରେ ସରୁ ଜାଲ ଓ ଖନ୍ଦା ବସାଇ ମାଛ ମାରୁଥିବା ବେଳେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏହାକୁ ବେଆଇନ ଘୋଷଣା କରିବା ସହ ଉଚ୍ଛେଦ ନିମନ୍ତେ ବିଜ୍ଞପ୍ତି ଜାରି କରିଛନ୍ତି। ଏହାଦ୍ୱାରା ମତ୍ସ୍ୟଜୀବୀମାନେ ଜୀବିକା ହରାଇବା ଆଶଙ୍କା ଦେଖାଯାଇଛି। ଫଳରେ ମତ୍ସ୍ୟଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶନିବାର ଚିଲିକା ମତ୍ସ୍ୟଜୀବୀ ମହାସଂଘ ଏବଂ ପେସାଦାର ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ମା’ କାଳିଜାଈଙ୍କ ପୀଠରେ ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତା।

ମତ୍ସ୍ୟଜୀବୀ ମାରଣ ନୀତିକୁ ମହାସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସରୁ ଜାଲ ଏବଂ ଖନ୍ଦା ଉଚ୍ଛେଦରୁ ନିବୃତ୍ତ ରହିବା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ଏବଂ ସ୍ୱତନ୍ତ୍ର ଚିଲିକା ବିଲ୍ ପାରିତ ଦିଗରେ ପଦକ୍ଷେପ ଗ୍ରହଣ ନିମନ୍ତେ ମହାସଂଘ ପକ୍ଷରୁ ଦାବି ହୋଇଛି। ସାମୂହିକ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଚିଲିକା ମତ୍ସ୍ୟଜୀବୀ ମହାସଂଘର ସଭାପତି ରବୀନ୍ଦ୍ର ବେହେରା, ସମ୍ପାଦକ ଦୁଃଖୀଶ୍ୟାମ ବେହେରା, ସଭ୍ୟ ସୁବାସ ଚନ୍ଦ୍ର ଘଡ଼େଇ, ଝରି ବେହେରା, ନିରଞ୍ଜନ ବେହେରା ଏବଂ ପେସାଦାର ମତ୍ସ୍ୟଜୀବୀ ମହାସଂଘ ସଭାପତି ବ୍ରଜବନ୍ଧୁ ଜେନା, କେଳୁଚରଣ ଜେନା, ସତ୍ୟପ୍ରିୟ ଜେନା, ଦାମୋଦର ବିଶ୍ୱାଳଙ୍କ ସମେତ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ।

### ଏଥର ୪ଘଣ୍ଟା ଶିଶୁପାଳଗଡ଼ ମହୋତ୍ସବ

ପୁରୁଣା ଭୁବନେଶ୍ୱର,୯।୧(ଡି.ଏନ୍.ଏ.)

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ସପ୍ତମ ଶିଶୁପାଳଗଡ଼ ମହୋତ୍ସବ କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ଅନୁଷ୍ଠିତ ହେବ। ଏଥର ୪ଦିନ ପରିବର୍ତ୍ତେ ୪ଘଣ୍ଟା ମହୋତ୍ସବ ପାଳନ ହେବ। ଫେବୃୟାରୀ ୬ରେ କଳ୍ପନା ଛକ ସ୍ଥିତ ଏକ ହୋଟେଲରେ ୧୦୦ଜଣ ଦର୍ଶକଙ୍କୁ ନେଇ ଏହି ମହୋତ୍ସବ ହେବ। ୪ଘଣ୍ଟା ମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ କଳାକାରମାନେ ନୃତ୍ୟ କଳା ପ୍ରଦର୍ଶନ କରିବେ ବୋଲି ମହୋତ୍ସବ ଆୟୋଜକ କଳିଙ୍ଗ ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି। ପ୍ରକାଶ ଯେ, ଶିଶୁପାଳଗଡ଼ ଦଶହରା ପଡ଼ିଆରେ ପ୍ରତିବର୍ଷ ଏହି ମହୋତ୍ସବ ୪ଦିନ ଧରିଅନୁଷ୍ଠିତ ହୋଇଥାଏ।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ବାରଙ୍ଗ,୯।୧(ଡି.ଏନ୍.ଏ.)

ବିବାହ ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସୋମନାଥ ବେହେରା। ପ୍ରକାଶ ଯେ, ସୋମନାଥ ଉକ୍ତ ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପରିଚୟ ହୋଇଥିଲେ। ପରେ ପ୍ରେମ କରିବା ସହ ବିବାହ ଆଳ ଦେଖାଇ ସମ୍ପର୍କ ରଖିଥିଲେ। ପରେ ନାବାଳିକା ଜଣଙ୍କ ଅନ୍ତଃସତ୍ତ୍ୱା ହେବା ପରିବାର ଲୋକେ ଜାଣିଥିଲେ। ଏନେଇ ନାବାଳିକା ଜଣକ ସୋମନାଥଙ୍କୁ ପଚାରିବାରୁ ଧରାଛୁଆଁ ଦେଇ ନ ଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୭/୨୧) ରୁଜୁକରି ସୋମନାଥଙ୍କୁ ଗିରଫ କରିଥିଲା।

# ଲୋକଙ୍କ ସହ ମିଶିଲେ, ସମସ୍ୟା ଶୁଣିଲେ

ଖୋର୍ଦ୍ଧା ଅଫିସ,୯।୧

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଶନିବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡଠାରୁ ପଦଯାତ୍ରାରେ ବାହାରି ୮ନଂ. ୱାର୍ଡରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ। ସହରରେ ସାହି, ଗଳିକନ୍ଦିରୁ ଅଳିଆ ଉଠୁନି, ଡ୍ରେନ୍ ସଫା କରାଯାଉନାହିଁ, ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ସହରୀ ବିକାଶ ଯୋଜନାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସତ୍ତ୍ୱେ ଏଠାରେ ଉଠାଦୋକାନୀଙ୍କୁ ଥଇଥାନ କରା ନ ଯିବା ନେଇ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ସହରାଞ୍ଚଳ ବିକାଶ ଯୋଜନାରେ ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଲାଗି ଉଦ୍ୟମ କରାଯିବ।



ଜନସମ୍ପର୍କ ପଦଯାତ୍ରାରେ ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ।

ସହରର ବିଭିନ୍ନ ସମସ୍ୟା ସମାଧାନ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ନିକୁଞ୍ଜ କିଶୋର ପଟ୍ଟନାୟକ, ଅବନୀ ଜେନା, ଅଜୟ ମିଶ୍ର, ଲୋକନାଥ ପ୍ରଧାନ, କୁନିଲତା ସ୍ୱାଇଁ, ସୁମିତ୍ରା ପ୍ରଧାନ, ରଶ୍ମିତା ସାମନ୍ତରାୟଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

# ଗୁମ୍ଫାରେ ୨ହଜାର ବର୍ଷ ତଳର ଓଡ଼ିଆ ଲିପି

ଖୋର୍ଦ୍ଧା ଅଫିସ,୯।୧

- କୋଲକାତା ଜର୍ନାଲରେ ରହିଛି ବରୁଣେଇର ବର୍ଣ୍ଣନା
- ପ୍ରାକୃତିକ ପରିବେଶ ଔଷଧୀୟ ଗୁଳ୍ମରେ ପରିପୂର୍ଣ୍ଣ

ଓଡ଼ିଶାର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରା ସର୍ବଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଆସିଛି। ଏହାର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀରେ ରହିଛି ଉତ୍କଳୀୟ ପ୍ରାଚୀନ ସଂସ୍କୃତି ସହ ଅନ୍ତର୍ନିହତ ଗୁଣ। ଏପରି ଏକ ପର୍ଯ୍ୟଟନସ୍ଥଳୀ ହେଉଛି ଖୋର୍ଦ୍ଧା ଜିଲାର ବରୁଣେଇ ପାହାଡ଼। ଏହି ପାହାଡ଼ ଦେଖିବାକୁ ଏକ ହସ୍ତୀ ସଦୃଶ। ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ଏହି ଅଞ୍ଚଳ। ବରୁଣେଇର ପୂର୍ବ ଦିଗରେ ପ୍ରସିଦ୍ଧ ଦିଗବାରେଣୀ ପାହାଡ଼, ମଧ୍ୟଭାଗରେ ପାଣ୍ଡବ ଗୁମ୍ଫା ଓ ସୀତାକୁଣ୍ଡ ରହିଛି। ଉତ୍ତର ପଶ୍ଚିମ ଦିଗରେ ଖୋର୍ଦ୍ଧା ଦୁର୍ଗ ବିଦ୍ୟମାନ। ଗୁମ୍ଫାରେ ଦ୍ୱିତୀୟ ଶତାବ୍ଦୀରେ ବୌଦ୍ଧଭିକ୍ଷୁମାନେ ଆଶ୍ରୟ ନେଉଥିଲେ। ଗୁମ୍ଫାରେ ପ୍ରସ୍ତର ଗାତରେ ୨ହଜାର ବର୍ଷ ତଳର ପ୍ରତ୍ନ ଓଡ଼ିଆ ଲିପିର ପ୍ରାରମ୍ଭିକ ଅକ୍ଷର ଉତ୍କୀର୍ଣ୍ଣ (ଖୋଦନ) କରାଯାଇଛି। ଏଥିରୁ ଓଡ଼ିଆ ଲିପିର ଆଦ୍ୟ ସ୍ୱରୂପ ନିର୍ଣ୍ଣୟ କରାଯାଇଥାଏ ବୋଲି ଐତିହ୍ୟ ଗବେଷକ ପ୍ରଫେସର ଗୋପାଳକୃଷ୍ଣ ଦାସ କହିଛନ୍ତି।

ବରୁଣେଇର ଉପର ଶିଖରରେ ମା’ ବରୁଣେଇ ଓ କରୁଣେଇଙ୍କ ମନ୍ଦିର ରହିଛି। ଭକ୍ତଙ୍କ ମନସ୍କାମନା ମା’ଙ୍କ କରୁଣାରୁ ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପର୍ବତର ଆଭ୍ୟନ୍ତରଣରୁ ଚିରସ୍ରୋତା ଝରଣା ଦେବୀଙ୍କ ନାଭିସ୍ଥଳ ଦେଇ ପାଦ ତଳକୁ ବୋହିଯାଉଛି। ଏହି ଝରଣାକୁ ଗୁପ୍ତା ଗଙ୍ଗା କୁହାଯାଏ। ଠାକୁରାଣୀଙ୍କ ସିଂହାସନ ତଳେ ଥିବା ଏକ କୁଣ୍ଡ ଦେଇ ଏହି ଝରଣା ଜଳ ପ୍ରବାହିତ ହୋଇଥାଏ। ଏହି କୁଣ୍ଡର ଜଳକୁ ଭକ୍ତମାନେ ପାଦୁକା ଭାବେ ପାଇଥାନ୍ତି। ବହୁ ଦୁରାରୋଗ୍ୟ ବ୍ୟାଧିକୁ ଆରୋଗ୍ୟ କରିବାର ଶକ୍ତି ଏହି ଜଳରେ ରହିଛି ବୋଲି ବିଶ୍ୱାସ କରାଯାଏ। ମା’ଙ୍କୁ ପଣସପତ୍ର ଠୋଲାରେ ଅରୁଆ ଚାଉଳରେ ପ୍ରସ୍ତୁତ ଖିରି, ନଡିଆ, ଏଣ୍ଡୁରି ପିଠା ଭୋଗ ଲାଗି ହୋଇଥାଏ। ପୀଠରେ ରଜ ପର୍ବ ନିଆରା ଢଙ୍ଗରେ ପାଳନ କରାଯାଏ। ପହିଲି ରଜରେ ମା’ଙ୍କ ଚନ୍ଦନଲାଗି ବେଶ ହୋଇଥାଏ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଥାଏ।

ଐତିହ୍ୟ ଗବେଷକ ପ୍ରଫେସର ଗୋପାଳକୃଷ୍ଣ ଦାସଙ୍କ କହିବାନୁଯାୟୀ, ୧୮୩୬ରେ ମାରଶାମ କିଟୋ ଓ ୧୮୭୦ରେ ଜିଡି ବେଗୟାର ଏହି ଗୁମ୍ଫା ଉପରେ ସର୍ବେକ୍ଷଣ କରି କୋଲକାତାରୁ ପ୍ରକାଶିତ ଭାରତୀୟ ପ୍ରତ୍ନତତ୍ତ୍ୱବିତ୍ ସର୍ବେକ୍ଷଣ ସଂସ୍ଥାର ଜର୍ଣ୍ଣାଲରେ ପ୍ରକାଶିତ କରିଥିଲେ। ୧୮୭୦ ଦଶକରେ ତତ୍କାଳୀନ ଡିଏଫଓ ଟେଲର ସାହେବ ବରୁଣେଇ ପାହାଡ଼ରେ ୬୦ ପ୍ରଜାତିର ପ୍ରଜାପତି ଥିବା ତାଲିକା ପ୍ରସ୍ତୁତ କରିଥିଲେ। ଏଥିସହିତ ବର୍ମାରୁ ଏକ ସ୍ୱତନ୍ତ୍ର ଶାଗୁଆନ ଗଛ ଆଣି ରୋପଣ କରିଥିଲେ। ସୀତାକୁଣ୍ଡରେ ବର୍ଷସାରା ପାଣି ଜମି ରହିଥାଏ। ପର୍ଯ୍ୟଟକମାନେ ଏଠାରେ ବଣଭୋଜି କରିଥାନ୍ତି। ଏହି ଐତିହ୍ୟ ସ୍ଥାନର ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରାଣନାଥ ମହାବିଦ୍ୟାଳୟର ରୋଭର ରେଞ୍ଜର ଗତ କିଛି ବର୍ଷ ଧରି ଏହି ପାହାଡ଼ ଚଢି ସଂରକ୍ଷଣ ଏବଂ ସଚେତନତାର ବାର୍ତ୍ତା ଦେଉଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତା



@ ଦମୟନ୍ତୀ



@ ଅଭିନନ୍ଦନ



@ ସୌମ୍ୟରଞ୍ଜନ



@ କୃଷ୍ଣଚନ୍ଦ୍ର



@ ପ୍ରିୟରଞ୍ଜନ



@ ଶୁଭାଶିଷ



@ ଶୁଭାଂଶୁ